# ଏକକ ୬ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ (ଟି.ଏଲ.ଏମ.)

ଟିପ୍ପଣୀ

**ସଂରଚନା**

୬.୦ ଉପକ୍ରମ

୬.୧ ଶିକ୍ଷଣର ଉଦ୍ଦେଶ୍ୟ

୬.୨ ଶିକ୍ଷାଦାନ ସାମଗ୍ରୀର ଆବଶ୍ୟକତା

୬.୩ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀର ବର୍ଗୀକରଣ

- ୬.୩.୧ ଶିକ୍ଷାଦାନ ସାମଗ୍ରୀର ପ୍ରକାର ଭେଦ
- ୬.୩.୨ ସୂଚନା ପ୍ରସାରଣ ପ୍ରଯୁକ୍ତି ବିଦ୍ୟା ଏବଂ ଶିକ୍ଷଣ ସାମଗ୍ରୀ
- ୬.୩.୩ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ଶିକ୍ଷଣ ସାମଗ୍ରୀ

୬.୪ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ପରିଚାଳନା

- ୬.୪.୧. ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସଂଗ୍ରହ ଏବଂ ସାଇତି ରଖିବା
- ୬.୪.୨. ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀର ବ୍ୟବହାର ଏବଂ ରକ୍ଷଣ
- ୬.୪.୩. ଶ୍ରେଣୀ ମଧ୍ୟରେ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ସଂରକ୍ଷଣ କେନ୍ଦ୍ର ଏବଂ ବ୍ୟବହାର

୬.୫ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ରୂପରେ ପାଠ୍ୟ ପୁସ୍ତକ।

- ୬.୫.୧. ଶିକ୍ଷଣ ପାଇଁ ପାଠ୍ୟ ପୁସ୍ତକ
- ୬.୫.୨. ପାଠ୍ୟ-ପୁସ୍ତକ ବାହାରେ ଶିକ୍ଷଣ

୬.୬ ସାରାଂଶ

୬.୭ ନିଜ ଉପଲବ୍ଧି ଆକଳନ ପାଇଁ ଆଦର୍ଶ ଉତ୍ତର

୬.୮ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୬.୯ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୬.୦ ଉପକ୍ରମ

ବ୍ଲକ୍-୧ ରେ ଆପଣମାନେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ବିଭିନ୍ନ ପଦ୍ଧତି ବିଷୟରେ ଶିଖି ସାରିଛନ୍ତି। ଏଥି ମଧ୍ୟରୁ ଯେ କୌଣସି ପଦ୍ଧତି ଶ୍ରେଣୀ କକ୍ଷରେ ଉପଯୋଗ କରିବା ସମୟରେ ଆପଣ ବିଭିନ୍ନ ପ୍ରକାରର ସାମଗ୍ରୀର ବ୍ୟବହାର କରିବେ, ଯାହା ପିଲାମାନଙ୍କୁ ଧାରଣା ଦେବା ପାଇଁ ଏବଂ ସେମାନଙ୍କୁ ବୁଝିବା ପାଇଁ ସାହାଯ୍ୟ କରିବ। ବିଭିନ୍ନ ପ୍ରକାରର ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ବ୍ୟବହାର ଦ୍ୱାରା ପିଲାମାନେ ପ୍ରତ୍ୟକ୍ଷ ଭାବେ ଅନୁଭବ କରିପାରନ୍ତି ଯାହା ସେମାନଙ୍କୁ ଶିଖିବାରେ ସାହାଯ୍ୟ କରିଥାଏ।

ଏହି ଏକକରେ, ଶ୍ରେଣୀରେ ଫଳପ୍ରଦ ଶିକ୍ଷଣକୁ ସହାୟତା କରିବା ପାଇଁ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି, ବ୍ୟବହାର ଓ ସାଇତି ରଖିବା ଓ ନିଜକୁ ସଶକ୍ତ କରିବା ବିଷୟରେ ଆଲୋଚନା କରାଯାଇଛି। ବିଭିନ୍ନ ପ୍ରକାରର ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଏବଂ ଶିକ୍ଷଣ ପାଇଁ ସେଗୁଡ଼ିକର ବ୍ୟବହାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି।

ବିଭିନ୍ନ ଦୃଷ୍ଟିକୋଣରୁ ବିସ୍ତୃତ ଭାବରେ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ସମସ୍ତ ଦିଗ ଏବଂ ଏହି ଏକକଟି ପୁରା କରିବା ପାଇଁ ଆପଣଙ୍କୁ ନଅ(୯) ଘଣ୍ଟା ଅଧ୍ୟୟନର ଆବଶ୍ୟକ ହେବ।

## ୬.୧. ଶିକ୍ଷଣର ଉଦ୍ଦେଶ୍ୟ

ଏହି ଏକକ୍‌ଟିକୁ ପଢ଼ି ସରିବା ପରେ ଆପଣ ନିମ୍ନ ଦକ୍ଷତା ଲାଭ କରି ପାରିବେ।

- ଶିକ୍ଷଣ ପାଇଁ ବିଭିନ୍ନ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ଆବଶ୍ୟକତାକୁ ବର୍ଣ୍ଣନା କରିପାରିବେ।
- ଶ୍ରେଣୀ ଗୃହରେ ବ୍ୟବହାର ପାଇଁ ବିଶେଷ ଶିକ୍ଷଣ ସାମଗ୍ରୀର ବିଭିନ୍ନ ବର୍ଗକୁ ଚିହ୍ନି ପାରିବେ।
- ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ TLM ସଂଗ୍ରହ, ପ୍ରସ୍ତୁତି, ସାଇତି ରଖିବା ଓ ବ୍ୟବହାର କରି ପାରିବେ।
- ଶ୍ରେଣୀ ଗୃହରେ ଶିକ୍ଷଣ ସାମଗ୍ରୀର ସଂରକ୍ଷଣ କେନ୍ଦ୍ର ବିକଶିତ ଓ ସକ୍ରିୟ କରି ପାରିବେ।
- ପାଠ୍ୟ ପୁସ୍ତକକୁ ଏକ ମୁଖ୍ୟ ଶିକ୍ଷଣ ସାମଗ୍ରୀ ରୂପରେ ବ୍ୟବହାର କରି ପାରିବେ।
- ପାଠ୍ୟ ପୁସ୍ତକର ବାହାରେ ଶିକ୍ଷଣ ସାମଗ୍ରୀର ଅନ୍ୟ ଉତ୍ସଗୁଡ଼ିକରୁ ସାମଗ୍ରୀ ସଂଗ୍ରହ କରି ବ୍ୟବହାର/ଉପଯୋଗ କରିପାରିବେ।

## ୬.୨ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା

ଯେତେବେଳେ ଆପଣ ଭୂଗୋଳର ଗୋଟିଏ ଧାରଣା ବୁଝାଉଛନ୍ତି ବା ଇତିହାସର ଗୋଟିଏ ଘଟଣା ବର୍ଣ୍ଣନା କରୁଛନ୍ତି ବା ଗୋଟିଏ କବିତା ଆବୃତ୍ତି କରିବା ଶିଖାଉଛନ୍ତି ବା ଶ୍ରେଣୀ ଗୃହରେ ଗଣିତର ଗୋଟିଏ ସମସ୍ୟା ସମାଧାନ କରୁଛନ୍ତି, ସେତେବେଳେ ଆପଣ କିଛି ବସ୍ତୁ ବା ସାମଗ୍ରୀର ବ୍ୟବହାର କରି ଶ୍ରେଣୀ କକ୍ଷକୁ ଅଧିକ ଚିତ୍ତାକର୍ଷକ କରି ଧାରଣାକୁ ବେଶୀ ହୃଦୟଙ୍ଗମ

କରାଇପାରିବେ ଓ ଶିକ୍ଷଣକୁ ଅର୍ଥ ପୂର୍ଣ୍ଣ କରିପାରିବେ। ଜଣେ ଚୀନ୍‌ର ଶିକ୍ଷାବିତ୍ କହିଛନ୍ତି, "ଗୋଟିଏ ଚିତ୍ର ହଜାରଟା ଶବ୍ଦ ସହିତ ସମାନ" ।

ଆଗରୁ ଶ୍ରେଣୀକକ୍ଷରେ ଶିକ୍ଷଣ ପାଇଁ ଶିକ୍ଷକ ବହୁତ କମ୍ ଶିକ୍ଷଣ ସାମଗ୍ରୀ ବ୍ୟବହାର କରୁଥିଲେ। କିନ୍ତୁ ବର୍ତ୍ତମାନ ଶିକ୍ଷାର୍ଥୀ କୈନ୍ଦ୍ରିକ (Learner Centred) ପ୍ରଣାଳୀରେ ଶିକ୍ଷାଦାନଠାରୁ ଶିକ୍ଷଣକୁ ଗୁରୁତ୍ୱ ଦିଆ ଯାଉଛି। ପିଲାମାନଙ୍କର ଦଳଗତ ଭାବେ ବା ଏକାକୀ ଭାବେ ଶିଖିବାର କ୍ଷମତା ବଢ଼ାଇବା ପାଇଁ ଅଧିକରୁ ଅଧିକ ସାମଗ୍ରୀର ଆବଶ୍ୟକତା ରହିଛି। ସେଥିପାଇଁ, ଶିକ୍ଷଣ ସାମଗ୍ରୀକୁ ଶିକ୍ଷାଦାନ ସହାୟକ ରୂପରେ ବେଶୀ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରିବ। ଏଥିପାଇଁ ଏହା ପିଲାମାନଙ୍କ ଶିଖିବା ସମୟରେ ଏବଂ ଶିକ୍ଷକମାନେ ଶିକ୍ଷାଦାନ ସମୟରେ ବ୍ୟବହାର କରିବା ଉଚିତ୍। ଏହି ପ୍ରକାରର ସାମଗ୍ରୀକୁ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ କୁହାଗଲା ଏବଂ ଏହାକୁ ସାର୍ବଜନିକ ଭାବେ TLM ବୋଲି କୁହାଗଲା।

ଶ୍ରେଣୀରେ ଶିକ୍ଷାଦାନ ଓ ଶିକ୍ଷଣର ସଫଳ ପରିଚାଳନା ଓ ଶିକ୍ଷଣ ପ୍ରକ୍ରିୟାରେ ଅର୍ଥପୂର୍ଣ୍ଣ ବ୍ୟବହାର ପାଇଁ ସହାୟକ ସାମଗ୍ରୀର ପ୍ରକାର ଓ ପ୍ରକୃତି ସମ୍ବନ୍ଧରେ ଭଲ ଜ୍ଞାନ ରହିବା ଆବଶ୍ୟକ।

କିନ୍ତୁ ବିଦ୍ୟାଳୟରେ ପ୍ରାରମ୍ଭିକ ସ୍ତରରେ ଶିକ୍ଷାଦାନ ଶିକ୍ଷଣ ପାଇଁ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷଣ ସାମଗ୍ରୀର କ'ଣ ଆବଶ୍ୟକତା ଅଛି ? ମନବୈଜ୍ଞାନିକ ଓ ଶିକ୍ଷାବିତ୍‌ଙ୍କର ଦୃଷ୍ଟିକୋଣରୁ ବାସ୍ତବ ବସ୍ତୁ, ବିଭିନ୍ନ କାରଣରୁ ଶିକ୍ଷଣକୁ ସୁବିଧା କରିବା ପାଇଁ ଆବଶ୍ୟକ ପଡେ। ସେଥିମଧ୍ୟରୁ କିଛି କାରଣ ନିମ୍ନରେ ଦିଆଗଲା :

- ନୂଆ ବିଷୟବସ୍ତୁ ଶିକ୍ଷଣ ସରଳ ହୁଏ ଯଦି ତାହା ସହିତ ପାଖାପାଖି ପରିଚିତ ବସ୍ତୁଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଦେଖାଇ ଦିଆଯାଏ।

ଚାଲ ଏହି ଅବସ୍ଥା ଉପରେ ବିଚାର କରିବା :-

| | | |
|---|---|---|
| ଅବସ୍ଥା୧ | : | ଦିନେ ଦ୍ୱିତୀୟ ଶ୍ରେଣୀର ଶିକ୍ଷୟିତ୍ରୀ ମିସ୍ ସୀମା ଶ୍ରେଣୀକୁ ବିଭିନ୍ନ ପ୍ରକାରର ଫଳ ଏବଂ ପରିବା ଆଣି ଆସିଲେ ଏବଂ ପିଲାମାନଙ୍କୁ ଚିହ୍ନିବାକୁ କହିଲେ। ପିଲାମାନେ ଫଳଗୁଡ଼ିକୁ ଏଇ ପ୍ରକାର ଚିହ୍ନିଲେ ଯେମିତି-ସେଓ, କମଳା, ପିଜୁଳି ଓ ଆମ୍ବ ଏବଂ ପରିବାଗୁଡ଼ିକୁ ଏଇ ପ୍ରକାର ଚିହ୍ନିଲେ ଯେମିତି- କଞ୍ଚା କଦଳୀ, ବାଇଗଣ, ପାଚିଲା ଟମାଟୋ ଏବଂ କଞ୍ଚା ଅମୃତଭଣ୍ଡା। ଗୋଟିଏ ଜିନିଷକୁ ସେମାନେ ଚିହ୍ନି ପାରିଲେ ନାହିଁ, ଯାହାକି ସେମାନଙ୍କୁ ଆଲୋଚନା କରିବାକୁ ପଡ଼ିଲା:- |
| ରେଣୁ | : | ଏଇଟି କଞ୍ଚା ଟମାଟର ପରି ଦେଖା ଯାଉଛି କିନ୍ତୁ ଏହାର ଚୋପା ଚିକ୍‌କଣ ବା ଚକ୍ ଚକ୍ ନୁହେଁ। |
| ଗୀତା | : | ବୋଧହୁଏ ଏଇଟି ଏକ ପ୍ରକାର ବାଇଗଣ କିନ୍ତୁ ଏହାର ଆକାର ଗୋଟିଏ ବଡ଼ ଟମାଟୋ ଠାରୁ ବଡ଼। |
| ହିରାନା | : | ଏଇଟି ବାଇଗଣ ବା ଟମାଟୋ ପରି ନରମ ନୁହେଁ। |

ଟିପ୍ପଣୀ

ଜସ୍ମିନ : ବୋଧହୁଏ ଏଇଟି ଗୋଟିଏ ପିଜୁଳି? ମୁଁ କ'ଣ ଏହାକୁ ନ ରାନ୍ଧିକି କଞ୍ଚା ଖାଇ ପାରିବି?

(ଶିକ୍ଷୟିତ୍ରୀଙ୍କ ଅନୁମତି କ୍ରମେ ଜସ୍ମିନ ସେଥିରୁ ଖଣ୍ଡେ ଚାଖିଲେ)

ଜୀନତ୍ : ଏଇଟି କ'ଣ ଗୋଟିଏ ଫଳ ନା ପରିବା?

ଜସ୍ମିନ୍ : ନା, ଏହା ଫଳ ନୁହେଁ କାରଣ ଏହା ସ୍ୱାଦିଷ୍ଟ ନୁହେଁ।

ତା'ପରେ ଶିକ୍ଷୟିତ୍ରୀ ଆସି ସ୍ପଷ୍ଟ କଲେ ଯେ ହଁ, ଏଇଟି ଫଳ ନୁହେଁ। ଏହା ହେଉଛି ଗ୍ରୋମେଟୋ ବୋଲି ଏକ ପରିବା, ଯାହାକୁ ଏବେ ବାଇଗଣ ଓ ଟମାଟରର ମଞ୍ଜିର ଶଙ୍କରୀକରଣ କରାଯାଇ ଅଛି। ସେଥିପାଇଁ ତୁମେମାନେ ଦୁଇ ପ୍ରକାରର ପରିବାର ସାମଞ୍ଜସ୍ୟ ଦେଖି ପାରୁଛ।

ବଡ଼ଲୋକ ଓ ପିଲାମାନେ ସମସ୍ତେ ପରିଚିତ ବସ୍ତୁ ବା ଘଟଣାକୁ ଦେଖିକରି ନୂଆ ବସ୍ତୁର ଧାରଣା କରନ୍ତି, ଯେତେବେଳେ ଗୋଟିଏ ପିଲା ସମ୍ପୂର୍ଣ୍ଣ ନୂଆ ବସ୍ତୁ ସଂସ୍ପର୍ଶରେ ଆସେ, ସେତେବେଳେ ସେ ସେହି ବସ୍ତୁ ଏବଂ ତାର ପ୍ରକୃତିକୁ ଚିହ୍ନିବା ପାଇଁ ପରିଚିତ ବସ୍ତୁର ପ୍ରକୃତି ସହିତ ମିଶାଇବା ପାଇଁ ଚେଷ୍ଟା କରେ। ଯଦି ସେ ଅଧିକ ବସ୍ତୁ ସହିତ ପରିଚିତ ଥାଏ, ତେବେ ତୁଳନା କରି ପଦାର୍ଥଗୁଡ଼ିକର ବିଶେଷ ଗୁଣକୁ ଚିହ୍ନିବା ତା ପାଇଁ ସହଜ ହୋଇଥାଏ।

- ଆମ ଶରୀରରେ ଇନ୍ଦ୍ରିୟମାନେ ଶିଖିବାର ଦ୍ୱାର ଅଟନ୍ତି। ଯେତେବେଳେ ବସ୍ତୁଗୁଡ଼ିକୁ ବିଭିନ୍ନ ଉପାୟରେ ଯେମିତିକି-ଦେଖିକରି, ଶୁଣିକରି, ସ୍ପର୍ଶ କରି ଏବଂ ଗନ୍ଧ ଶୁଂଘି ଅନୁଭବ କରାଯାଏ, ସେତେବେଳେ ସେଗୁଡ଼ିକ ଉପରେ ଅଧିକ ସ୍ପଷ୍ଟ ଧାରଣା ଉତ୍ପନ୍ନ ହୁଏ। ବିଭିନ୍ନ ପ୍ରକାରର ରଙ୍ଗ, ଆକାର, ଉପାଦାନ, ଗନ୍ଧ ଏବଂ ସ୍ୱାଦ ଅନୁଭୂତିକୁ ତୀବ୍ର କରେ ଏବଂ ବିଶେଷ ଭାବେ ଅଳ୍ପ ବୟସରେ ଶିକ୍ଷଣକୁ ସରଳ କରାଏ।

ପିଥାବେଟ୍‌ଙ୍କ ମତରେ ବୋଧଶକ୍ତି ବିକାଶ ଧାରା ୧୧ରୁ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ବାସ୍ତବ ବସ୍ତୁ ଦ୍ୱାରା ହୋଇଥାଏ। ସ୍ଥୁଳ ବସ୍ତୁର ବ୍ୟବହାର, ଯୁକ୍ତିସଂଗତ ଚିନ୍ତାଧାରା ଓ ଜ୍ଞାନାତ୍ମକ ବିକାଶରେ ସାହାଯ୍ୟ କରେ। ବିଶେଷ ଭାବେ ୭ରୁ ୧୨ ବର୍ଷ ବୟସ ମଧ୍ୟରେ ସ୍ଥୁଳ ସଂକୀର୍ଣ୍ଣ ଧର୍ମୀ ପର୍ଯ୍ୟାୟ (କନକ୍ରିଟ୍ ଅପରେସନ ପିରିୟଡ଼)ରେ ପିଲାଟି ପ୍ରାରମ୍ଭିକ ବିଦ୍ୟାଳୟରେ ଥାଏ ଏବଂ ସେହି ସମୟରେ ପରିଚିତ ବସ୍ତୁଗୁଡ଼ିକର ବ୍ୟବହାର କରି ମାନସିକ କାର୍ଯ୍ୟକଳାପ କରିପାରନ୍ତି। ଏହି ଅବସ୍ଥାରେ ଭାବନା ଓ ଜ୍ଞାନର ବିକାଶ ସ୍ପଷ୍ଟ ଭାବେ ଦେଖାଯାଏ ଯେମିତିକି ବିପରୀତ ପ୍ରକ୍ରିୟାକୁ ଗ୍ରହଣ କରିବା (ଫେଡ଼ାଣ, ମିଶାଣର ବିପରୀତ ପ୍ରକ୍ରିୟା ଅଟେ), ଶ୍ରେଣୀ ବିଭାଗର ଯୋଗ୍ୟତା ଏବଂ ବସ୍ତୁ ଗୁଡ଼ିକର ଶ୍ରେଣୀ ବିଭାଗ ପଦାର୍ଥ ସଂରକ୍ଷଣର ବିସ୍ତୃତକରଣ, ଓଜନ, ଆୟତନ, ଲମ୍ବ, ପ୍ରସ୍ଥ ଏବଂ ପ୍ରତ୍ୟେକ ସମ୍ଭବ ପ୍ରକ୍ରିୟା ବାସ୍ତବ ବସ୍ତୁଗୁଡ଼ିକ ଦ୍ୱାରା ହିଁ ହୋଇଥାଏ। କୌଣସି ବାଚନିକ ବାଖ୍ୟା ଦ୍ୱାରା ସମ୍ଭବ ହୁଏ ନାହିଁ। ଏହି ଅବସ୍ଥାରେ ପିଲାମାନଙ୍କର ଚିନ୍ତା ଶକ୍ତି ବିକାଶ ହୁଏ ନାହିଁ। ଏହି ପର୍ଯ୍ୟାୟରେ ଶିଶୁର ଜ୍ଞାନ, ଧାରଣା ଓ ଅନୁଭୂତି ସ୍ଥୁଳବସ୍ତୁ ଉପରେ ପର୍ଯ୍ୟବେଶିତ ହୋଇଥାଏ। ଏହି ପର୍ଯ୍ୟାୟରେ ଶିଶୁର ଯୁକ୍ତିସଂଗତ ଚିନ୍ତାଧାରାର ବିକାଶ ଘଟିବା ଆରମ୍ଭ

ହୋଇଥିଲେ ମଧ୍ୟ ସେ ସ୍ଥୁଳବସ୍ତୁ ମାଧ୍ୟମରେ ଚିନ୍ତା କରିବାକୁ ସମର୍ଥ ହୋଇଥାଏ। କିନ୍ତୁ ବିମୂର୍ତ୍ତ ଚିନ୍ତନ କରିବାକୁ ସମର୍ଥ୍ୟ ହୋଇ ନଥାଏ। ଯେମିତି "ଯଦି.....ତାହେଲେ" ଉଦାହରଣ ସ୍ୱରୂପ:- ଏହି ଅବସ୍ଥାରେ ପିଲାମାନଙ୍କୁ ଯଦି ପଚାରାଯାଏ ଯାହାର ପକ୍ଷୀ ଅଛି ସେ ଉଡ଼ିପାରେ। ଯଦି ବିରାଡ଼ିର ପକ୍ଷୀ ଥା'ନ୍ତା ତାହେଲେ ସେ କ'ଣ ଉଡ଼ିପାରନ୍ତା?" ଏହା ଅବଲୋକନ କରାଯାଇଛି ଯେ ଅଧିକାଂଶ ପିଲାମାନେ ଏହି ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କଲେ ନାହିଁ। କିଛି ଜଟିଳ ଉତ୍ତର ଏହି ପ୍ରକାର ଆସିଲା- "କିନ୍ତୁ ବିରାଡ଼ିର ପକ୍ଷୀ ନାହିଁ। ବିରାଡ଼ି ଦୌଡ଼ି ପାରେ, ଉଡ଼ି ପାରେ ନାହିଁ।" ତାହେଲେ କ'ଣ ବିରାଡ଼ିକୁ ଉଡ଼ିବାକୁ ପଡ଼ିବ? ଏହି ଅବସ୍ଥାରେ ପିଲାମାନେ ବାସ୍ତବ ଜିନିଷ ଅଭାବରୁ ପ୍ରକୃତ ଧାରଣା ହାସଲ କରିପାରି ନଥାନ୍ତି। ଚତୁଃପାର୍ଶ୍ୱରେ ବାସ୍ତବିକ ରୂପରେ ନିର୍ମିତ ସାମଗ୍ରୀଗୁଡ଼ିକରୁ ପ୍ରାପ୍ତ ଜ୍ଞାନ ଉପଯୋଗ କରି ପାରନ୍ତି ନାହିଁ। ପ୍ରାଥମିକ ସ୍ତରରେ ସେମାନଙ୍କ ଚିନ୍ତନ ଓ ବୋଧର ବିକାଶ ପାଇଁ ଅନେକ ବସ୍ତୁ ସଙ୍ଗେ ପରସ୍ପର କ୍ରିୟା ପ୍ରତିକ୍ରିୟା କରନ୍ତି। ଯାହା ଏକ ପ୍ରଭାବଶାଳୀ ଶିକ୍ଷଣ ପାଇଁ ଆବଶ୍ୟକ।

- ପିଆନେଟ୍‌ଙ୍କ ଗବେଷଣା ମଧ୍ୟ ଏହିପରି ପିଲାମାନଙ୍କ ବିଷୟରେ କହିଥାନ୍ତି, ଯେଉଁମାନେ ୧୨ ବର୍ଷର ବୟସ ପ୍ରାପ୍ତ କରିବା ଆଗରୁ ସ୍ଥୁଳ/ବାସ୍ତବ ବସ୍ତୁଗୁଡ଼ିକୁ ବିଭିନ୍ନ ପ୍ରକାରର ବ୍ୟବହାର କରିବାରେ ନିପୁଣ ଅଟନ୍ତି, ସେମାନେ ଏବଂ ଯେଉଁ ପିଲାମାନେ ବାସ୍ତବ ବସ୍ତୁଗୁଡ଼ିକୁ ୧୨ ବର୍ଷ ପୂର୍ବରୁ ବ୍ୟବହାର କରି ନଥାନ୍ତି, ସେମାନଙ୍କ ଅପେକ୍ଷା ଶୀଘ୍ର ଅମୂର୍ତ୍ତ ଧାରଣା କରି ପାରିଥାନ୍ତି। ଏହା ପ୍ରାରମ୍ଭିକ ଶିକ୍ଷା ଅବସ୍ଥାରେ ଟିଏଲ୍‌ଏମ୍ (TLM)ର ଅତ୍ୟାବଶ୍ୟକତାକୁ ଗୁରୁତ୍ୱ ଦେଇଥାଏ।

- ପିଲାମାନେ ବିଭିନ୍ନ ପ୍ରକାର ସାମଗ୍ରୀ ସହିତ ଖେଳିବାକୁ ପସନ୍ଦ କରନ୍ତି ଏବଂ ସେମାନେ ସହଜରେ ସେ ସାମଗ୍ରୀଗୁଡ଼ିକ ସହିତ ଭିନ୍ନ ଭିନ୍ନ ଭାବରେ ବ୍ୟବହାର କରିବାରେ ବ୍ୟସ୍ତ ହୋଇ ଯାଆନ୍ତି। ଯେତେବେଳେ ଗୋଟିଏ କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ଏବଂ ଉପଯୁକ୍ତ ସାମଗ୍ରୀ ଦିଆଯାଏ, ପିଲାମାନେ ପ୍ରାକୃତିକ ରୂପରେ ସାମଗ୍ରୀଗୁଡ଼ିକ ନିକଟକୁ ଆକର୍ଷିତ ହୁଅନ୍ତି ଏବଂ କାମକୁ ଶେଷ କରିବା ପାଇଁ ସାମଗ୍ରୀଗୁଡ଼ିକର ଉପଯୋଗ କରିବାକୁ ପସନ୍ଦ କରନ୍ତି। ସାମଗ୍ରୀ ବିନା କାମ କରିବା ପିଲାଙ୍କ ପାଇଁ ବୋଝ ସଦୃଶ ଏବଂ ଅନିଚ୍ଛାପୂର୍ବକ ହୋଇଥାଏ। ଏବଂ କାର୍ଯ୍ୟ ଆରମ୍ଭରୁ ଏ ପ୍ରକାର ଭାବନା କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିଗଲେ କଷ୍ଟଦାୟକ ହୋଇଥାଏ।

- ପ୍ରାୟତଃ ଛୋଟ ପିଲାମାନେ ବିଭିନ୍ନ ରଙ୍ଗର ଏବଂ ଆକାରର ବସ୍ତୁଗୁଡ଼ିକ ଆଡ଼କୁ ଆକର୍ଷିତ ହୋଇଥାନ୍ତି ଏବଂ ବିଭିନ୍ନ ପ୍ରକାରରେ ବ୍ୟବହାର କରି ନିଜର ଆଗ୍ରହ ଦେଖାଉଥାନ୍ତି। ତେଣୁ ସେମାନଙ୍କୁ ସାବଧାନତା ପୂର୍ବକ ପୋଷଣ କଲେ ବିଭିନ୍ନ ବସ୍ତୁଗୁଡ଼ିକ ସହିତ ଖେଳିବାର ଅଭ୍ୟାସ ବିକାଶରେ ସହାୟକ ହେବ। ଏହି ସହାୟତା ପିଲାମାନଙ୍କର ସୃଜନଶୀଳତା ବଢ଼ାଇଥାଏ।

ବାଞ୍ଛିତ ଶିକ୍ଷଣ ଉଦ୍ଦେଶ୍ୟ ସହିତ ସଂବନ୍ଧିତ ବିଭିନ୍ନ ସାମଗ୍ରୀ ଶିକ୍ଷକ କୈନ୍ଦ୍ରିକ ଶ୍ରେଣୀ କକ୍ଷର ଉଦାସୀନତା ଯାହା ଘୋଷା ପଦ୍ଧତିକୁ ଗୁରୁତ୍ୱ ଦେଇଥାଏ ତାକୁ ଭାଙ୍ଗିବାରେ ଅତ୍ୟଧିକ ମହତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ଭୂମିକା ନିଭାଇ ଥାଏ। ସାମଗ୍ରୀଗୁଡ଼ିକର ଉପଯୁକ୍ତ ଉପସ୍ଥିତି ପିଲାମାନଙ୍କୁ

ସ୍ୱାଭାବିକ ଭାବେ ସେମାନଙ୍କ ଆଡ଼କୁ ଖେଳିବା ଏବଂ ବହୁମୁଖି ବ୍ୟବହାର କରିବା ପାଇଁ ଆକର୍ଷିତ କରିଥାଏ ଏବଂ ସେଥିପାଇଁ ସେମାନଙ୍କୁ ସକ୍ରିୟ ଶିକ୍ଷାର୍ଥୀ କରାଇଥାଏ। ଏହି ସାମଗ୍ରୀ ପିଲାମାନଙ୍କ ଶିକ୍ଷଣ କାର୍ଯ୍ୟକଳାପରେ ଜୀବନ୍ତ ଭାବେ ସହଭାଗୀ ହେବାରେ ସହାୟକ କରିଥାଏ ଏବଂ ନିଷ୍କ୍ରିୟ ଶିକ୍ଷାର୍ଥୀ ହେବାର ମାନସିକତାକୁ ହ୍ରାସ କରିଥାଏ।

Notes (ଟିପ୍ପଣୀ)

- ଶିକ୍ଷଣ ସାମଗ୍ରୀ ପ୍ରଭାବଶାଳୀ ସ୍ୱ-ଶିକ୍ଷଣ ପାଇଁ ଆବଶ୍ୟକ। ଉପଯୁକ୍ତ ସାମଗ୍ରୀର ଉପଯୋଗ କରିବା ଦ୍ୱାରା ଯେ କୌଣସି ପିଲା ନିଜ ସୁବିଧା ଅନୁଯାୟୀ ପୁରା ନିୟନ୍ତ୍ରଣ ସହିତ ଶିଖିଥାଏ।
- ବହୁ ଶ୍ରେଣୀ ଓ ବହୁ ସ୍ତର ପରିସ୍ଥିତିରେ ଶିକ୍ଷଣ ସାମଗ୍ରୀ ଶିକ୍ଷକକୁ ଶ୍ରେଣୀ କକ୍ଷରେ ସୁପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିଥାଏ।
- ଶିକ୍ଷଣ ସହାୟକ ସାମଗ୍ରୀର ଉପଯୋଗ ଦ୍ୱାରା ଶିକ୍ଷକର ମନୋବୃତ୍ତି ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ହୋଇଥାଏ। ଯେତେବେଳେ ପ୍ରତିରୂପର ବର୍ଣ୍ଣନା କରା ଯାଉଥାଏ, କୌଣସି ପ୍ରଦର୍ଶନୀର ଆୟୋଜନ କରାଯାଉଥାଏ ବା ପିଲାମାନଙ୍କୁ ବାହାରକୁ ବୁଲାଇବାକୁ ନିଆ ଯାଉଥାଏ, ସେତେବେଳେ ଗୋଟେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣର ନିର୍ମାଣ ହୋଇଯାଏ ଯାହା ଉପଯୁକ୍ତ ଅଧିଗମ ପାଇଁ ବହୁତ ସହାୟତା କରିଥାଏ।

**ଏବେ ନିମ୍ନଲିଖିତ ଗୁଡ଼ିକର ଉତ୍ତର ଦିଅନ୍ତୁ:-**

E-୧ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣକୁ ସୁବିଧାଜନକ କରିବା ପାଇଁ ଆପଣଙ୍କୁ ନିମ୍ନଲିଖିତ କେଉଁ ସ୍ଥିତିଟି ପାଇଁ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ହେବ ନାହିଁ?

A) କାର୍ଯ୍ୟ ଏବଂ ସମୟ ଉପରେ ଶିକ୍ଷଣ ସମସ୍ୟା

B) ଦଳଗତ ଭାବେ ଗଳ୍ପ ଲିଖନ

C) ଧ୍ୟାନ ଏବଂ ଯୋଗ ଶିକ୍ଷଣ

D) ପାଣିପାଗ ପରିବର୍ତ୍ତନର ଅଧ୍ୟୟନ

**ଉତ୍ତମ ଶିକ୍ଷଣ ସହାୟକ ସାମଗ୍ରୀର ବୈଶିଷ୍ଟ୍ୟ :**

**ଉତ୍ତମ ଶିକ୍ଷଣ ସାମଗ୍ରୀର ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ଦିଆଗଲା -**

- ଶିକ୍ଷଣ ସହାୟକ ସାମଗ୍ରୀ ଆଡ଼କୁ ପିଲାମାନେ ଆକର୍ଷିତ ହେବା ଆବଶ୍ୟକ। ଆକାର, ରଙ୍ଗ (ବିଭିନ୍ନ ପ୍ରକାରର ରଙ୍ଗର ସଂଯୋଜନ, ଉଜ୍ଜ୍ୱଳ ରଙ୍ଗ), ଗତି (ଯେପରି ଗତି କରୁଥିବା ଖେଳନା) ଏବଂ କିଛି କ୍ଷେତ୍ରରେ ଗନ୍ଧ ବା ସ୍ୱାଦ ବା ଧ୍ୱନି ଆଦି ସାମଗ୍ରୀର ଏପରି ଗୁଣ ହେବା ଦରକାର ଯାହା ଛୋଟ ପିଲାମାନଙ୍କର ଧ୍ୟାନ ଆକର୍ଷଣ କରିପାରିବ।

- ଶିକ୍ଷଣ ସହାୟକ ସାମଗ୍ରୀର ପରିଚୟ ନୂଆ ଅବଧାରଣାକୁ ଚିହ୍ନିବାରେ ସହାୟକ ହେବ। ପିଲାମାନେ ନୂଆ ଅବଧାରଣାକୁ ଅର୍ଥପୂର୍ଣ୍ଣ ଶିକ୍ଷଣ ପାଇଁ ସହଜରେ ଏହି ସାମଗ୍ରୀଗୁଡ଼ିକର ବ୍ୟବହାର କରି ପାରିବେ। ସାମଗ୍ରୀଗୁଡ଼ିକର ନୂତନତ୍ୱ ଶିକ୍ଷାର୍ଥୀଙ୍କୁ ଆକର୍ଷିତ କରିଥାଏ। ଭିନ୍ନ ପ୍ରକାର ସାମଗ୍ରୀ କିମ୍ବା ଭିନ୍ନ ଢଙ୍ଗରେ ବ୍ୟବହାର ଉତ୍ତମ TLM ର ଏକ ଗୁଣ ଅଟେ।

- ସାମଗ୍ରୀର ଉପଯୋଗୀତା ମୂଲ୍ୟ ରହିବା ଦରକାର। କୌଣସି ସାମଗ୍ରୀ ଏକ ଭଲ ବା ଖରାପ ଶିକ୍ଷଣ ସହାୟକ ନୁହେଁ ତାହାର ଉପଯୁକ୍ତ ବ୍ୟବହାର ହିଁ ସାମଗ୍ରୀକୁ ଭଲ ବା ଖରାପ କରିପାରିବ। ଗୋଟିଏ ସୁନ୍ଦର ଓ ଆକର୍ଷକ ଫୁଲ ସୌନ୍ଦର୍ଯ୍ୟବୋଧକୁ ବଢ଼ାଇ ଥାଏ କିନ୍ତୁ ଗଣିତରେ ବର୍ଗକ୍ଷେତ୍ର ଶିକ୍ଷଣରେ ଏହା ଏକ ଭଲ ଶିକ୍ଷଣ ସାମଗ୍ରୀ ଭାବରେ ନିଆଯାଇ ପାରିବ ନାହିଁ।

- ବହୁବିଧ ଭାବେ ହେଉଥିବା ସାମଗ୍ରୀ ଯଥା- ପଶା, ବାଡ଼ି, ମଖମଲ ପଥର, ଘନ ଏବଂ ଫ୍ଲାସ୍ କାର୍ଡ଼ ଆଦି ପ୍ରାରମ୍ଭିକ ବିଦ୍ୟାଳୟ ପାଠ୍ୟକ୍ରମର ପ୍ରାୟତଃ ସବୁ ବିଷୟ କ୍ଷେତ୍ରରେ ଉପଯୋଗ ହୋଇ ପାରିବାରୁ ଏଗୁଡ଼ିକର ଚାହିଦା ଯଥେଷ୍ଟ ଥାଏ।

- ସହଜ ଭାବେ ଚାଳନା କରି ପାରୁଥିବା ସାମଗ୍ରୀ ଯଥା- ଦୃଢ଼ତା (ବେଖାତିର ଭାବେ ବ୍ୟବହାର ହେଲେ ମଧ୍ୟ ମଜବୁତ୍ ରହେ), କମ ଓଜନ ଓ ସୁରକ୍ଷା (ପିଲାମାନେ ଉପଯୋଗ କଲେ ମଧ୍ୟ ହାନିକାରକ ନୁହେଁ) ଆଦି ମହତ୍ୱପୂର୍ଣ୍ଣ ଗୁଣ ସାମିଲ ରହିଥାଏ, ଯେଉଁଥିରେ ଏହି ପ୍ରକାରର ସାମଗ୍ରୀର ଶିକ୍ଷଣ ଅଧିଗମ ପ୍ରକ୍ରିୟାରେ ପ୍ରାଥମିକତା ରହିଥାଏ।

**ଶିକ୍ଷଣକାର୍ଯ୍ୟ ୧**

ଲୁଡୁଗୋଟି ଏବଂ ମଖମଲ ପଥର ଆଦି ସାମଗ୍ରୀଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଯାହାର ବିଭିନ୍ନ ବିଷୟ କ୍ଷେତ୍ରରେ ବିଭିନ୍ନ ଶିକ୍ଷଣ କାର୍ଯ୍ୟରେ ଉପଯୋଗ ହେଇପାରିବ। ଏହିପରି ସାମଗ୍ରୀଗୁଡ଼ିକର ନାମ, ଶିକ୍ଷଣ କାର୍ଯ୍ୟ ଏବଂ ବିଷୟ (ଗ୍ରେଡ୍/ଶ୍ରେଣୀ ସହିତ)ର ନାମଗୁଡ଼ିକୁ ସ୍ୱଷ୍ଟ କରନ୍ତୁ ଯେଉଁଥିରେ ପ୍ରତ୍ୟେକ ସାମଗ୍ରୀର ଉପଯୋଗ କରାଯାଇ ପାରିବ।

____________________________________________

____________________________________________

____________________________________________

____________________________________________

E-୨ ଦ୍ୱିତୀୟ ଶ୍ରେଣୀ ପାଇଁ ଭାଷା ଏବଂ ଗଣିତ ଶିକ୍ଷଣରେ ଶିକ୍ଷଣ ସାମଗ୍ରୀ ରୂପରେ ଲୁଡୁଗୋଟି ବ୍ୟବହାର ଉଦାହରଣ ସହିତ (ଦୁଇଟି ଉଦାହରଣ ପ୍ରତ୍ୟେକ ବିଷୟରେ) ବୁଝାନ୍ତୁ।


ଟିପ୍ପଣୀ

## ୬.୩ ଶିକ୍ଷଣ ସାମଗ୍ରୀର ପ୍ରକାରଭେଦ।

ଉପରୋକ୍ତ ଆଲୋଚନାରୁ ଆମେ କହିପାରିବା ଯେ କୌଣସି ବସ୍ତୁ ବା ସାମଗ୍ରୀ ଯାହାର ଉପଯୋଗ ଶିକ୍ଷଣକୁ ସୁବିଧା କରିବା ପାଇଁ ବ୍ୟବହାର କରାଯାଏ, ତାହାକୁ ଶିକ୍ଷଣ ସହାୟକ ସାମଗ୍ରୀ କୁହାଯାଏ। ଅନ୍ୟ ଭାବେ ଏହି ପ୍ରକାର ସାମଗ୍ରୀ ଯାହା ଶିକ୍ଷଣରେ ଉପଯୋଗ ପାଇଁ ଉପଯୁକ୍ତ ଅଟେ, ତାହାକୁ ଶିକ୍ଷଣ ସାମଗ୍ରୀ କୁହାଯାଏ। ଶ୍ରେଣୀ କକ୍ଷରେ ଶିକ୍ଷଣ ଅଧିଗମ କ୍ରିୟାକଳାପଗୁଡ଼ିକରେ ବିଭିନ୍ନ ସାମଗ୍ରୀର ଉପଯୋଗ, ସଂରକ୍ଷଣ ଏବଂ ଗ୍ରହଣ କରିବାର ପ୍ରକ୍ରିୟାକୁ ସୁବିଧାଜନକ କରିବାକୁ ଏହାର ବର୍ଗୀକରଣ କରାଯାଇପାରେ।

୬.୩.୧. ଶିକ୍ଷଣ ସାମଗ୍ରୀର ପ୍ରକାର ଭେଦ ନିମ୍ନରେ ଦିଆଯାଇଥିବା ସ୍ଥିତି-୨ ଉପରେ ବିଚାର କରନ୍ତୁ ଯାହା ବିଭିନ୍ନ ଶିକ୍ଷକମାନଙ୍କ ଦ୍ୱାରା ତୃତୀୟ ଶ୍ରେଣୀର ପିଲାମାନଙ୍କୁ ଗଣିତ ଶିକ୍ଷାଦାନରେ ବ୍ୟବହାର କରାଯାଇପାରେ। ତଫାତ୍ ଗୁଡ଼ିକ ଲେଖି ରଖନ୍ତୁ।

- ମିଷ୍ଟର ରମଣ ତୃତୀୟ ଶ୍ରେଣୀରେ "ସଂଖ୍ୟାମାନଙ୍କର ହରଣ" ଶିକ୍ଷାଦାନ କରାଉଛନ୍ତି। ସେ କେବଳ ଚକ୍, ଡଷ୍ଟର ଓ କଳାପଟାର ଉପଯୋଗ କରୁଛନ୍ତି ଏବଂ ପିଲାମାନେ କଳାପଟାରେ ଲେଖା ଯାଇଥିବା ତଥ୍ୟକୁ ନିଜ ନୋଟ୍ ବୁକ୍‌ରେ ଲେଖୁଛନ୍ତି।
- ଅନ୍ୟ ଏକ ବିଦ୍ୟାଳୟରେ, ମିସ୍ ଲୀଳା ତୃତୀୟ ଶ୍ରେଣୀ ପିଲାମାନଙ୍କୁ କିଛି ଗୋଡ଼ି ବା ଛୋଟ କାଠି ସାଙ୍ଗରେ ଆଣିବାକୁ କହିଛନ୍ତି। ସେ ପିଲାମାନଙ୍କୁ ଛୋଟ ଛୋଟ ଦଳ କରି ବସାଇ କିଛି ସମାନ ସଂଖ୍ୟାର ଗୋଡ଼ି ଓ କାଠି ନେଇ ହରଣ ପ୍ରକ୍ରିୟା ପ୍ରଦର୍ଶିତ କରୁଛନ୍ତି।
- ପ୍ରତ୍ୟେକ ଦଳକୁ ୩୦ଟି ଗୋଡ଼ି ଦେଇ ଏବଂ ସେହି ଗୋଡ଼ିଗୁଡ଼ିକୁ ପ୍ରତ୍ୟେକ ପିଲାମାନଙ୍କୁ ବିଭିନ୍ନ ପ୍ରଣାଳୀରେ ସମାନ ସଂଖ୍ୟାରେ ହରଣ କରିବାକୁ କୁହାଗଲା। ତା'ପରେ ସେ ପ୍ରତ୍ୟେକ ଦଳକୁ ପଚାରିଲେ କି ସେ କେତେ ପ୍ରକାର ପ୍ରଣାଳୀରେ ଦିଆ ଯାଇଥିବା ସାମଗ୍ରୀକୁ ନିଜ ନିଜ ମଧ୍ୟରେ ସମାନ ଭାବରେ ଭାଗ କରି ପାରିବେ।
- ମିସ୍ ଶବନମ୍ ଚିତ୍ର - ୬.୧ରେ ଦିଆ ଯାଇଥିବା ଏକ ବର୍ଗ ଆକାରର ମାଟ୍ରିକ୍ସର ୧୦ଟି ସିଟ୍ ତିଆରି କଲେ ଏବଂ ୫ଟି ଦଳରେ ପ୍ରତ୍ୟେକ ଦଳକୁ ୨ଟି ସିଟ୍ ଦେଲେ ଏବଂ ସେମାନଙ୍କୁ ସମାନ ସଂଖ୍ୟାର ଛୋଟ ବର୍ଗ ଗୁଡ଼ିକୁ ବିଭିନ୍ନ ରଙ୍ଗରେ ରଙ୍ଗ କରିବାକୁ କହିଲେ। ପ୍ରତ୍ୟେକ ଦଳକୁ ରଙ୍ଗ କରିବାକୁ ଅଲଗା ଅଲଗା ରଙ୍ଗର ଉପଯୋଗ କରିବାକୁ କହିଲେ ଏବଂ ତା'ପରେ ସେ ପ୍ରତ୍ୟେକ ଦଳକୁ କେତେ ବର୍ଗଗୁଡ଼ିକୁ ରଙ୍ଗୀନ କରିଛନ୍ତି ଦେଖିଲେ।



- ଚତୁର୍ଥ ଅବସ୍ଥାରେ ସମୀର ସବୁ ପିଲାମାନଙ୍କୁ ଶ୍ରେଣୀ କକ୍ଷର ବାହାରେ ବିଦ୍ୟାଳୟର ବଗିଚାକୁ ନେଇ ଆସିଲେ ଏବଂ ସେମାନଙ୍କୁ କିଛି ଛୋଟ ଛୋଟ ଗଛ ଦେଲେ। ପ୍ରତ୍ୟେକ ଧାଡ଼ିରେ ସମାନ ସଂଖ୍ୟାର କିଛି ଛୋଟ ଗଛ ଲଗାଇବାକୁ କହିଲେ। ତା'ପରେ ସେ ପିଲାମାନଙ୍କୁ ପଚାରିଲେ ଯେ କୁହ ତ ପ୍ରତ୍ୟେକ ଧାଡ଼ିରେ କେତେ ଛୋଟ ଗଛ ଲଗା ଯାଇଛି ?

| |
|---|
| E-୩ ଉପରୋକ୍ତ ଅବସ୍ଥାଗୁଡ଼ିକ ମଧ୍ୟରୁ କେଉଁ ଅବସ୍ଥାଟିକୁ ଆପଣ ଭାବୁଛନ୍ତି ଯେ ପିଲାମାନେ ସଂଖ୍ୟାର ଭାଗ କ୍ରିୟା ପ୍ରକ୍ରିୟାକୁ ବୁଝିବାକୁ ଅଧିକ କଠିନ ଅନୁଭବ କରିଥିବେ ଏବଂ କାହିଁକି ? |

ପ୍ରଥମ ଅବସ୍ଥାରେ, ରମଣ କେବଳ ଚକ୍, ଡଷ୍ଟର ଏବଂ ବ୍ଲାକ୍ ବୋର୍ଡ଼ ଛଡ଼ା ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରୁ ନଥିଲେ। ଏହା ଏକ ପାରମ୍ପରିକ ଶିକ୍ଷକ କେନ୍ଦ୍ରୀକ ଶ୍ରେଣୀ ଥିଲା ଯେଉଁଠାରେ ପିଲାମାନେ ନିଷ୍କ୍ରିୟ ଥିଲେ। ଦ୍ୱିତୀୟ ଅବସ୍ଥାରେ, ପିଲାଙ୍କ ଦ୍ୱାରା ଗୋଡ଼ି ଏବଂ କାଠି ଭଳି ବାସ୍ତବ ବସ୍ତୁ ସଂଗ୍ରହ ହୋଇଥିଲା ଏବଂ ସେଗୁଡ଼ିକ ଶ୍ରେଣୀକୁ ଆଣିଥିଲେ। ଏବଂ ମିସ୍ ଲିଲା ସେହି ସାମଗ୍ରୀର ଉପଯୋଗ କରି ଭାଗ/ହରଣ ପ୍ରକ୍ରିୟା ପ୍ରଦର୍ଶିତ କରି ଦଳଗତ ଶିକ୍ଷଣ କାର୍ଯ୍ୟ କରୁଥିଲେ। ମିସ୍ ଶିବନମ୍ କିଛି ସାମଗ୍ରୀ ନିଜେ ବିକଶିତ କଲେ ଏବଂ ଭାଗ ପ୍ରକ୍ରିୟାକୁ ପୁରା କରିବା ପାଇଁ ପିଲାମାନଙ୍କୁ କାମ କରିବାକୁ ଦେଲେ। କିନ୍ତୁ ଅନ୍ୟମାନଙ୍କଠାରୁ ଭିନ୍ନ ସମୀର ପିଲାମାନଙ୍କୁ ଶ୍ରେଣୀ ଗୃହରୁ ବାହାରକୁ ଆଣି ବିଦ୍ୟାଳୟର ବଗିଚାକୁ ନେଇ ଆସିଲେ ଏବଂ ଛୋଟ ଛୋଟ ଗଛକୁ ଲଗାଇବା ପରି ବାସ୍ତବିକ କାର୍ଯ୍ୟକଳାପ ପ୍ରଦର୍ଶନରେ ସହାୟତା କଲେ ଯାହାଦ୍ୱାରା ପିଲାମାନେ ଭାଗ/ହରଣ ପ୍ରକ୍ରିୟା ଶିଖିଲେ। ଏହି ଉଦାହରଣରୁ ଆମେ ଶିକ୍ଷଣ ସାମଗ୍ରୀକୁ ବାସ୍ତବିକ ବସ୍ତୁ ଏବଂ ନିର୍ମିତ ସାମଗ୍ରୀ ଭାବରେ ବର୍ଗୀକରଣ କରିପାରିବା।

### (i) ବାସ୍ତବ ବସ୍ତୁ / ଅନୁଭୂତି

ଶିକ୍ଷାର୍ଥୀ ନିଜର ଚତୁଃପାର୍ଶ୍ୱରେ ଥିବା ବାସ୍ତବିକ ବସ୍ତୁ, ବ୍ୟକ୍ତି ଓ ଘଟଣାଗୁଡ଼ିକର ପ୍ରତ୍ୟକ୍ଷ ଉପଯୋଗଦ୍ୱାରା, ନିଜେ କାର୍ଯ୍ୟ କରିବା ପରେ ଅନୁଭବ ଲାଭ କରିଥାନ୍ତି। ଯେତେବେଳେ ଆପଣ ଶିକ୍ଷାଦାନ କରୁଥାନ୍ତି, ସେତେବେଳେ ଆପଣଙ୍କୁ ଏଇ ଚେଷ୍ଟା କରିବା ଦରକାର ଯେ ଆପଣ ପିଲାମାନଙ୍କୁ ବାସ୍ତବିକ ବସ୍ତୁ ଦେଖାଇବା, ଯାହାଦ୍ୱାରା ସେମାନେ ପ୍ରତ୍ୟକ୍ଷ ଅନୁଭୂତିରୁ ଧାରଣା ପ୍ରାପ୍ତ କରିବେ। କିନ୍ତୁ ନିମ୍ନରେ କିଛି କାରଣ ଦିଆ ଯାଇଛି ଯାହାକି ବାସ୍ତବିକ ବସ୍ତୁକୁ ଶ୍ରେଣୀ ଗୃହକୁ ଆଣିବା ପାଇଁ ସବୁ ସମୟରେ ସମ୍ଭବ ନୁହେଁ।

- ବସ୍ତୁର ଆକାର :- ଆକାରରେ ବହୁତ ବଡ଼ ବସ୍ତୁକୁ ଶ୍ରେଣୀ କକ୍ଷକୁ ଆଣିବା ଏବଂ ସଂରକ୍ଷିତ କରିବାର ଅସୁବିଧା ଏବଂ ଅତି ଛୋଟ ବସ୍ତୁକୁ ଶ୍ରେଣୀ କକ୍ଷରେ ଦେଖାଇବାର ଅସୁବିଧା।
- ସୁରକ୍ଷା : ସାପ କିମ୍ବା ବିଛାକୁ ଶେଣୀ ଗୃହକୁ ଆଣିଲେ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ଧ୍ୟାନ ରଖିବାକୁ ପଡିବ ।

- ମୂଲ୍ୟ/ଦାମ୍ :- କିଛି ବସ୍ତୁ ଶ୍ରେଣୀରେ ଉପଯୋଗ ପାଇଁ ବହୁତ ଦାମୀ ହୋଇଯାଏ। ନିମ୍ନ ଶ୍ରେଣୀମାନଙ୍କରେ ପରିବେଶ ବିଦ୍ୟା ଏବଂ ଉଚ୍ଚ ଶ୍ରେଣୀମାନଙ୍କରେ ବିଜ୍ଞାନ ଶିକ୍ଷଣ କ୍ଷେତ୍ରରେ ସଫଳ ବୋଧଜ୍ଞାନ ପାଇଁ ପ୍ରତ୍ୟକ୍ଷ ଅନୁଭୂତି ପିଲାମାନଙ୍କୁ ଦିଆଯାଇଥାଏ। ପିଲାମାନେ ନିଜର ତତ୍‌କ୍ଷଣାତ୍ ପରିବେଶରୁ ବିଭିନ୍ନ ବସ୍ତୁ ଏବଂ ସ୍ଥାନମାନଙ୍କରୁ ପ୍ରତ୍ୟକ୍ଷ ଅନୁଭୂତି ପ୍ରାପ୍ତ କରନ୍ତି ଯେମିତି- ପ୍ରକୃତ ଫୁଲ, ପତ୍ର, ଗଛଲତା, ପୋକ-ଜୋକ, ଜଙ୍ଗଲ ଭ୍ରମଣ ଦ୍ୱାରା ଜଙ୍ଗଲି ପଦାର୍ଥ, ଏକତ୍ର କରିବା, ବିଭିନ୍ନ ସଂଗଠନ ଯଥା- ପଞ୍ଚାୟତ ଅଫିସ୍, ବ୍ୟାଙ୍କ, ଡାକଘର ଆଦି ଯାଇ ସେଠିକାର କାର୍ଯ୍ୟକ୍ରମ ପରିଦର୍ଶନ କରିବା, ଆକ୍ୱାରିୟମ୍ ତିଆରି ଓ ରକ୍ଷଣାବେକ୍ଷଣା କରିବା। ପ୍ରତ୍ୟକ୍ଷ ଧାରଣା ଅନୁଭବ ଦ୍ୱାରା ପିଲାମାନଙ୍କର କଠିନ ଧାରଣାଗୁଡ଼ିକୁ ବୁଝିବା ସହଜ ହୋଇଥାଏ। ତେଣୁ, ଯେତେ ସମ୍ଭବ ଅଧିକ ଅନୁଭୂତି ପ୍ରାପ୍ତ କରାଇବାକୁ ପିଲାମାନଙ୍କୁ ଚେଷ୍ଟା କରିବା ଉଚିତ୍।

**କାର୍ଯ୍ୟକଳାପ- ୨**

ବସ୍ତୁ, କାର୍ଯ୍ୟକଳାପ ଏବଂ ଅନୁଷ୍ଠାନ ଯେଉଁଠାରେ ଆପଣ ଆପଣଙ୍କର ବିଦ୍ୟାର୍ଥୀମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରି ପାରିବେ, ତାହାର ଗୋଟିଏ ତାଲିକା ପ୍ରସ୍ତୁତ କରନ୍ତୁ।

________________________________________________

________________________________________________

________________________________________________

________________________________________________

### (ii) ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ

ଆମେମାନେ ପ୍ରସ୍ତୁତ କରା ଯାଇଥିବା ଶିକ୍ଷଣ ସାମଗ୍ରୀଗୁଡ଼ିକ ସହିତ ପରିଚିତ ଅଟୁ। ମାନଚିତ୍ର, ଚାର୍ଟ, ଚିତ୍ର, ମଡ଼େଲ, ଖେଳନା, ଗୋଡ଼ି, ରଙ୍ଗିନ କାଠି, ଫ୍ଲାସ୍ କାର୍ଡ଼, ସଂଖ୍ୟା ଓ ଅକ୍ଷରର କାର୍ଡ଼ ଆଦି ଶିକ୍ଷଣ ସାମଗ୍ରୀ ଗୁଡ଼ିକ ପ୍ରସ୍ତୁତ ଶିକ୍ଷଣ ସାମଗ୍ରୀ ଯାହା ଶିକ୍ଷକମାନେ ବ୍ୟବହାର କରଥାନ୍ତି। ନିଜ ଶ୍ରେଣୀ ପାଇଁ ଆବଶ୍ୟକତା ଅନୁଯାୟୀ ସାମଗ୍ରୀଗୁଡ଼ିକ ଶିକ୍ଷକ ଦୁଇଟି ଉପାୟରେ ଗ୍ରହଣ କରନ୍ତି -

(୧) ବଜାରରୁ କିଣିକରି

(୨) ନିଜେ ବା କେବେ କେବେ ଛାତ୍ରମାନଙ୍କ ସହାୟତାରେ ପ୍ରସ୍ତୁତ କରିଥାନ୍ତି।

ମାନକ ଶିକ୍ଷଣ ସାମଗ୍ରୀ ଯଥା - ମାନଚିତ୍ର, ଗ୍ଲୋବ୍, ଚାର୍ଟ, ସ୍କେଲ, ମାପିବା ଫିତା ପ୍ରାୟତଃ ବଜାରରୁ କିଣାଯାଏ। ସାମଗ୍ରୀଗୁଡ଼ିକର ମୂଲ୍ୟ ସେମାନଙ୍କର ଗୁଣ ଅନୁସାରେ ରଖା ଯାଇଥାଏ। ଏଥି ମଧ୍ୟରୁ ଅଧିକାଂଶ ସାମଗ୍ରୀ ମେସିନ ସାହାଯ୍ୟରେ ତିଆରି କରାଯାଇଥାଏ ଓ ସେଗୁଡ଼ିକ ଦେଖିବାକୁ



ଟିପ୍ପଣୀ

ଆକର୍ଷକ ହୋଇଥାଏ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟବହାର କରାଯାଇଥାଏ। ସେଥିପାଇଁ ଅଧିକାଂଶ ଶିକ୍ଷକ ଏହି ସାମଗ୍ରୀଗୁଡ଼ିକୁ କିଣିବାକୁ ପସନ୍ଦ କରିଥାନ୍ତି।

**କାର୍ଯ୍ୟକଳାପ-୩**

ଆପଣ କ'ଣ ସବୁ ସମୟରେ ଆପଣଙ୍କ ଶ୍ରେଣୀ କକ୍ଷରେ ଶିକ୍ଷଣ କାର୍ଯ୍ୟ କରେଇବା ବେଳେ କିଣା ଶିକ୍ଷଣ ସାମଗ୍ରୀ ବ୍ୟବହାର କରିବାକୁ ପସନ୍ଦ କରନ୍ତି ? ସେହି ଅବସ୍ଥାମାନଙ୍କର ଏକ ସାରଣୀ ତିଆରି କରନ୍ତୁ ଯାହା ଆପଣ ଆପଣଙ୍କର ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏହି ସାମଗ୍ରୀଗୁଡ଼ିକୁ ଅନୁପଯୁକ୍ତ ମନେ କରୁଛନ୍ତି।

ଆମେ ବଜାରରୁ କେବଳ ତିଆରି ହୋଇଥିବା ସାମଗ୍ରୀ ଯଥା- ମାନଚିତ୍ର, ଚାର୍ଟ, ଚିତ୍ର ଇତ୍ୟାଦି କେବଳ କିଣନ୍ତି ନାହିଁ ପରନ୍ତୁ କିଛି ଏହି ପ୍ରକାରର ସାମଗ୍ରୀ ଯଥା - ଡ୍ରଇଁ ସିଟ୍, ସ୍କେଚ ପେନ୍, ରଙ୍ଗୀନ ସାମଗ୍ରୀ, ଅଠା, କଇଁଚି, ରୁଲର ଆଦି ଜିନିଷ ଶିକ୍ଷଣ ସହାୟକ ସାମଗ୍ରୀ ତିଆରି କରିବା ପାଇଁ ବା ଛାତ୍ରମାନଙ୍କ ସାହାଯ୍ୟ ନେଇ ତିଆରି କରିବା ପାଇଁ କିଣି ଥାଉ। ଯଦି ଶିକ୍ଷଣ ସାମଗ୍ରୀ ବଜାରରେ ମିଳୁଛି ତାହେଲେ ଆମେ ତିଆରି କାହିଁକି କରୁଛୁ ?

ହୁଏତ, ଆମେ ସବୁ ସାମଗ୍ରୀକୁ କିଣିବା ପାଇଁ ସମର୍ଥ ନୋହୁଁ ଏବଂ ବେଳେ ବେଳେ କିଛି ଏପରି ଜଟିଳ ସାମଗ୍ରୀର ଶ୍ରେଣୀ କକ୍ଷରେ ଆବଶ୍ୟକ ହୁଏ ଯାହା ବଜାରରେ ଉପଲବ୍ଧ ହୁଏ ନାହିଁ। ଆସନ୍ତୁ ନିମ୍ନଲିଖିତ ଅବସ୍ଥା ଉପରେ ବିଚାର କରିବା:-

**ଅବସ୍ଥା-୩:** ମିସ୍ ସମିତା ଏବଂ ତାଙ୍କ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏକ ସମ୍ପୂର୍ଣ୍ଣ ଫୁଲର ଧାରଣା ଦେବା ପାଇଁ ଶିକ୍ଷଣ ସାମଗ୍ରୀ ବିକଶିତ କରିବାକୁ ଚେଷ୍ଟା କରୁଥିଲେ। (ଉଦାହରଣ - ଗୋଟିଏ ମନ୍ଦାର ଫୁଲ ଯାହାର ପୁରା ଚାରୋଟି whorls - calyx, corolla, Andraecium ଏବଂ Gynaecium ଉପସ୍ଥିତ ଅଛି)। ଛାତ୍ରଛାତ୍ରୀମାନଙ୍କୁ ମନ୍ଦାରଫୁଲ ସହିତ କିଛି ଅନ୍ୟ ଫୁଲ ଆଣିବାକୁ କୁହା ଯାଇଥିଲା। ସେଥିରୁ ପିଲାମାନଙ୍କୁ ଫୁଲଗୁଡ଼ିକର ବିଭିନ୍ନ ଭାଗ ଗୁଡ଼ିକୁ ଭଲ କରି ଦେଖିବାକୁ କହିଲେ। ଫୁଲଗୁଡ଼ିକର ବିଭିନ୍ନ ଭାଗ ଯଥା- stamen, calyx ଆଦିକୁ ଚିହ୍ନିବାକୁ ଯାଇ ସଙ୍ଗେ ସଙ୍ଗେ ବିଭିନ୍ନ ରଙ୍ଗର Petal ଗୁଡ଼ିକୁ ଚିହ୍ନ ପାରିଲେ। ତା'ପରେ ସେ ପିଲାମାନଙ୍କୁ କହିଲେ ସବୁ ଏକାଠି କରିଥିବା ଫୁଲଗୁଡ଼ିକର କେଉଁ ଭାଗଟି ଏକ ପ୍ରକାର ଅଛି ଏବଂ କେଉଁ ଫୁଲରେ ସବୁ ଭାଗ ଉପସ୍ଥିତ ଅଛି। ପିଲାମାନଙ୍କ ଦ୍ୱାରା ଫୁଲ ଗୁଡ଼ିକର ସବୁ ଭାଗ ଗୁଡ଼ିକ ସଫଳତାର ସହିତ ଚିହ୍ନାଇବା ପରେ, ମିସ୍ ସମିତା ଫୁଲ ଗୁଡ଼ିକର ସବୁ

ଟିପ୍ପଣୀ

ଭାଗଗୁଡ଼ିକୁ ଅଲଗା ଅଲଗା କରିଦେଲେ ଏବଂ କହିଲେ ଏହା ସମ୍ପୂର୍ଣ୍ଣ ଫୁଲ ଅଟେ। ତା'ପରେ ଛାତ୍ରଛାତ୍ରୀମାନେ ଦଳଗତ ଭାବେ ଦିଆଯାଇଥିବା ଡ୍ରଇଁ ସିଟ୍‌ରେ ସମ୍ପୂର୍ଣ୍ଣ ଫୁଲ ଚିତ୍ର କଲେ ଏବଂ ରଙ୍ଗ ଦେଲେ। ଦଳଗତ ଭାବେ ଚିତ୍ର କରିବା ପରେ ସେହି ଚିତ୍ରଗୁଡ଼ିକୁ ପ୍ରଦର୍ଶିତ କରାଗଲା ଏବଂ ସେଥିମଧ୍ୟରୁ ଦୁଇଟି ସବୁଠାରୁ ଭଲ/ସୁନ୍ଦର ଚିତ୍ରକୁ ଶ୍ରେଣୀ କକ୍ଷର ଡିସ୍‌ପ୍ଲେ ବୋର୍ଡ଼ରେ ଲଗାଗଲା। ପରେ ସେଗୁଡ଼ିକୁ ଭବିଷ୍ୟତରେ ଶିକ୍ଷଣ ସହାୟକ ସାମଗ୍ରୀ ଭାବରେ ବ୍ୟବହାର କରିବା ପାଇଁ ଭଣ୍ଡାରରେ ରଖାଗଲା। ଯାହାକୁ ଆମେ ଶିକ୍ଷଣ ସହାୟକ ସାମଗ୍ରୀ କୋଣ ଭାବେ ସମ୍ବନ୍ଧିତ କରିଥାଉ।




(କ) ମନ୍ଦାର ଫୁଲ

ଏହି ପ୍ରକାରର ଜଟିଳ ଚିତ୍ର ଯାହାକୁ ଆପଣ ବା ଆପଣଙ୍କର ଛାତ୍ରଛାତ୍ରୀମାନେ ବଜାରରୁ କିଣି ପାରିବେ ନାହିଁ। ଅଧିକନ୍ତୁ ଆପଣ କମ୍ ପ୍ରୟାସରେ ଏହିପରି ଶିକ୍ଷଣ ସହାୟକ ସାମଗ୍ରୀ ତିଆରି କରି ପାରିବେ ଯଥା - ଯେ କୌଣସି ଆକାରରେ କାଗଜକୁ ମୋଡ଼ି ବା କୌଣସି ଚିତ୍ର ବା ଗ୍ରାଫ୍‌କୁ ବୋର୍ଡ଼ ଉପରେ ତିଆରି କରିଥିବା ତଥ୍ୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉପଲବ୍ଧ କରାଯାଇ ପାରିବ। ଏହି ପ୍ରକାର ସ୍ୱନିର୍ମିତ ଶିକ୍ଷଣ ସାମଗ୍ରୀ ବଜାରରୁ କିଣା ଯାଇଥିବା ଶିକ୍ଷଣ ସାମଗ୍ରୀଠାରୁ ଅଧିକ ଉପଯୋଗୀ ହୋଇଥାଏ। ଯେତେବେଳେ ଆପଣ ଆପଣମାନଙ୍କ ପିଲାମାନଙ୍କୁ ସଙ୍ଗେ ନେଇ ଏଇ ପ୍ରକାରର ଶିକ୍ଷଣ ସହାୟକ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି, ସେହି କାର୍ଯ୍ୟକଳାପ କରିବା ସମୟରେ ଆପଣ ସେମାନଙ୍କ ଆନନ୍ଦକୁ ଦେଖନ୍ତୁ। ଶ୍ରେଣୀରେ ଶିକ୍ଷଣ ସାମଗ୍ରୀର ଉପଯୋଗ କରିବା ପାଇଁ ଯୋଜନା ଓ ତିଆରି କରିବାର ପ୍ରକ୍ରିୟାଟି ମହତ୍ୱପୂର୍ଣ୍ଣ? କାରଣ ଛାତ୍ରଛାତ୍ରୀମାନେ କୌଣସି କଠୋର ନିର୍ଦ୍ଦେଶନା ବା ମୁଖସ୍ତ ବିନା ଭଲ କରି ବୁଝିବା ସହିତ ଧାରଣା ହାସଲ କରିଥାନ୍ତି।

**ଶିକ୍ଷଣ କାର୍ଯ୍ୟ-୪**

ସ୍ଥାନୀୟ ଅଞ୍ଚଳରୁ ସଂଗୃହୀତ ଶିକ୍ଷଣ ସାମଗ୍ରୀ ଦ୍ୱାରା ପଢ଼ା ଯାଉଥିବା ୫ମ/୬ଷ୍ଠ ଶ୍ରେଣୀରେ ଏକ ବିଷୟ ପାଇଁ ତୁମେ କି ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିପାରିବ ତା'ର ତାଲିକା କର।

E-୪ କିଣା ଯାଇଥିବା ସାମଗ୍ରୀ ଅପେକ୍ଷା ତିଆରି କରାଯାଇଥିବା ସାମଗ୍ରୀର ଯେ କୌଣସି ତିନୋଟି ସୁବିଧା ବର୍ଣ୍ଣନା କରନ୍ତୁ।

ଶିକ୍ଷଣ ସହାୟକ ସାମଗ୍ରୀର ବର୍ଗୀକରଣର ଅନ୍ୟ ଏକ ଉପାୟ ହେଲା ଶ୍ରାବ୍ୟ ଓ ଦୃଶ୍ୟ ଆଧାରରେ ଶିକ୍ଷଣ ସାମଗ୍ରୀ ତିନି ପ୍ରକାରର ଅଟେ - (I) ଶ୍ରାବ୍ୟ (II) ଦୃଶ୍ୟ ଏବଂ (III) ଦୃଶ୍ୟ-ଶ୍ରାବ୍ୟ

(i) **ଶ୍ରାବ୍ୟ ସାମଗ୍ରୀ** :- ଶ୍ରାବ୍ୟ ଇନ୍ଦ୍ରିୟ ଦ୍ୱାରା ଶୁଣି ପାରୁଥିବା ଶ୍ରାବ୍ୟ ସାମଗ୍ରୀ ଯାହାର ସହାୟତାରେ ବ୍ୟକ୍ତି ଶୁଣିକରି ଶିଖିଥାଏ ତାହାକୁ ଶ୍ରାବ୍ୟ ସହାୟକ ସାମଗ୍ରୀ କହନ୍ତି। ଉଦାହରଣ - ରେଡ଼ିଓ ପ୍ରସାରଣ, କ୍ୟାସେଟ୍ ତଥା ସିଡ଼ି ପ୍ଲେୟାର ଆଦି।

(ii) **ଦୃଶ୍ୟ ସାମଗ୍ରୀ** :- ଦର୍ଶନ ଇନ୍ଦ୍ରିୟ ଦ୍ୱାରା ଦେଖି ପାରୁଥିବା ଦୃଶ୍ୟ ସାମଗ୍ରୀ ଯାହାର ସହାୟତାରେ ବ୍ୟକ୍ତି ଦେଖିକରି ଶିଖିଥାଏ, କରିଥାଏ, ତାହାକୁ ଦୃଶ୍ୟ ସହାୟକ ସାମଗ୍ରୀ କୁହାଯାଏ। ଉଦାହରଣ- ବ୍ଲାକ୍ ବୋର୍ଡ଼, ଚାର୍ଟ, ଚିତ୍ର, ଗ୍ରାଫ୍, ମଡ଼େଲ, ଫିଲ୍ମ ଷ୍ଟ୍ରିପ୍, ସ୍ଲାଇଡ୍ ଇତ୍ୟାଦି।

(iii) **ଦୃଶ୍ୟ-ଶ୍ରାବ୍ୟ ସହାୟକ ସାମଗ୍ରୀ-** ଏପରି ସାମଗ୍ରୀ ଯାହାର ଦୃଶ୍ୟ ଏବଂ ଶ୍ରାବ୍ୟ ଦୁଇ ଇନ୍ଦ୍ରିୟର ଆବଶ୍ୟକତା ହୋଇଥାଏ ଏବଂ ଶୁଣିକରି ଓ ଦେଖି କରି ଶିଖିଥାଏ। ଏହାକୁ ଦୃଶ୍ୟ-ଶ୍ରାବ୍ୟ ସାମଗ୍ରୀ କୁହାଯାଏ। ଉଦାହରଣ-ଟେଲିଭିଜନ, ଫିଲ୍ମ ଏବଂ କମ୍ପ୍ୟୁଟର ସହାୟକ ସୂଚନା ଇତ୍ୟାଦି।

ଶିକ୍ଷଣ ସାମଗ୍ରୀକୁ ବର୍ଗୀକରଣ କରିବାର ଅନ୍ୟ ଏକ ଉପାୟ ହେଲା , ଯାହାକି (i) ପ୍ରକ୍ଷେପିତ ସାମଗ୍ରୀ (ii) ଅଣପ୍ରକ୍ଷେପିତ ସାମଗ୍ରୀ (iii) ଅନୁଭୂତି ଆଧାରିତ ସହାୟକ ସାମଗ୍ରୀ।

(i) ପ୍ରକ୍ଷେପିତ ସହାୟକ ସାମଗ୍ରୀ- ଚଳଚିତ୍ର, ଏପିଡିୟାସ୍କୋପ, ମ୍ୟାଜିକ୍, ଲଣ୍ଠନ, ଓଭରହେଡ୍ ପ୍ରୋଜେକ୍ଟର, ଏଲ୍‌ସିଡ଼ି ପ୍ରୋଜେକ୍ଟର ଇତ୍ୟାଦି

(ii) ଅଣପ୍ରକ୍ଷେପିତ ସାମଗ୍ରୀ - ଚକ୍-ବୋର୍ଡ଼, ଫେଲ୍ଟ ବୋର୍ଡ଼, ବୁଲେଟିନ୍ ବୋର୍ଡ଼, ଫୋଟୋଗ୍ରାଫ୍, ପୋଷ୍ଟର, ମାନଚିତ୍ର, ଚାର୍ଟ, ଗ୍ଲୋବ୍, ନମୁନା ଓ ବ୍ୟାଖ୍ୟା ସହିତ ପାଠ୍ୟ ପୁସ୍ତକ ଇତ୍ୟାଦି ଅପ୍ରକ୍ଷେପିତ ସହାୟକ ସାମଗ୍ରୀର ଉଦାହରଣ ଅଟେ।

(iii) ଅନୁଭୂତି ଆଧାରିତ ସହାୟକ ସାମଗ୍ରୀ/କ୍ରିୟାଶୀଳ - ଫିଲଡ୍, ଟ୍ରିପ୍, ଏଜୁକେସନାଲ ଟୁର, ମହତ୍ୱପୂର୍ଣ୍ଣ ସ୍ଥାନକୁ ଯାତ୍ରା, ପରୀକ୍ଷଣର ଅବଲୋକନ, ପ୍ରଦର୍ଶନ ଓ ପ୍ରାକୃତିକ ଘଟଣା ଇତ୍ୟାଦି ଅନୁଭୂତି ଆଧାରିତ ସହାୟକ ସାମଗ୍ରୀର ଉଦାହରଣ ଅଟେ।

ଟିପ୍ପଣୀ

E-୫ ଗ୍ରୁପ୍ A ରେ ବିଭିନ୍ନ ପ୍ରକାର ସାମଗ୍ରୀଗୁଡ଼ିକର ବିଭିନ୍ନ ବର୍ଗର ନାମ ଏବଂ ଗ୍ରୁପ - B ର ସହାୟକ ସାମଗ୍ରୀର ନାମ ଅଛି। ସାମଗ୍ରୀ ସହିତ ବର୍ଗକୁ ମିଳାଅ ଯେମିତି ନିମ୍ନରେ ଉଦାହରଣ ଦେଖାଇ ଦିଆଯାଇଛି।

| ଗ୍ରୁପ -A | ଗ୍ରୁପ -B |
|---|---|
| ଅପ୍ରକ୍ଷେପିତ ସାମଗ୍ରୀ | ଟେଲିଭିଜନ |
| ପ୍ରକ୍ଷେପିତ ସାମଗ୍ରୀ | ରେଡ଼ିଓ |
| ଶ୍ରାବ୍ୟ ସାମଗ୍ରୀ | ମାଛ |
| ଦୃଶ୍ୟ-ଶ୍ରାବ୍ୟ ସାମଗ୍ରୀ | କଳାପଟା |
| ଏକତ୍ରିତ ସାମଗ୍ରୀ | ଗୋଡ଼ି |
| | ଫିଲ୍ମ ଷ୍ଟ୍ରିପ୍ |

### ୬.୩.୨. ସୂଚନା ପ୍ରସାରଣ ପ୍ରଯୁକ୍ତିବିଦ୍ୟା ଏବଂ ଶିକ୍ଷଣ ସହାୟକ ସାମଗ୍ରୀ

ସୂଚନା ପ୍ରସାରଣ ପ୍ରଯୁକ୍ତି ବିଦ୍ୟା ଶ୍ରେଣୀ କକ୍ଷରେ ନୂତନ ସମ୍ଭାବନାକୁ ସୃଷ୍ଟି କରିଛି। ଶିକ୍ଷାଦାନ ପାଇଁ ଇଣ୍ଟରନେଟ୍ ଓ ମଲ୍ଟି ମିଡ଼ିଆ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ପାରମ୍ପରିକ ଶ୍ରେଣୀ କକ୍ଷରେ କାର୍ଯ୍ୟକଳାପ ସମନ୍ୱିତ କରି ପାଠ୍ୟ ବସ୍ତୁଗୁଡ଼ିକୁ ସମୃଦ୍ଧ କରି ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ଗୁଣାତ୍ମକ ବିକାଶ କରିଥାଏ। ଏଥିପାଇଁ ଶିକ୍ଷକ ନିଜକୁ ପ୍ରସ୍ତୁତ କରିବା ସହ ପ୍ରଯୁକ୍ତିବିଦ୍ୟାକୁ ଶ୍ରେଣୀରେ ପ୍ରୟୋଗ କରିବାର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକ ଅଛି। ପ୍ରାୟତଃ ବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ଆସି ସାରିଛି ଏବଂ ନିକଟ ଭବିଷ୍ୟତରେ ଆହୁରି ଅଧିକ ବିଦ୍ୟାଳୟରେ ପିଲାମାନଙ୍କୁ ଏହାର ସୁବିଧା କରାଇ ଦିଆଯିବ। ସୂଚନା ଓ ପ୍ରସାରଣ ପ୍ରଯୁକ୍ତିବିଦ୍ୟାର ଶ୍ରେଣୀ କକ୍ଷରେ ଉପଯୋଗୀତାର ବିସ୍ତୃତ ଆଲୋଚନା ୟୁନିଟ୍/ଏକକ-୧୨ରେ ଦିଆଯାଇଛି।

### ୬.୩.୩. "କାର୍ଯ୍ୟ ଭିତ୍ତିକ ଶିକ୍ଷଣ ସାମଗ୍ରୀ"

ପିଲାମାନେ ଶିକ୍ଷଣ କାର୍ଯ୍ୟରେ ସାମିଲ ହୋଇ ନିଜର ଅନୁଭୂତିରୁ ଶିକ୍ଷଣ କରିଥାଏ। ଶିକ୍ଷଣ କ୍ରିୟାର ପ୍ରାଧାନ୍ୟତା ଅନୁସାରେ ଶାରୀରିକ ବା ମାନସିକ ହୋଇଥାଏ କିମ୍ବା ଉଭୟ ଶାରୀରିକ ଓ ମାନସିକ ହୋଇଥାଏ।

ଉଦାହରଣ ସ୍ୱରୂପ:- ଯେତେବେଳେ ଗୋଟିଏ ପିଲା ସଉଦା ଦୋକାନର ହିସାବରେ ମିଶାଣ ଓ ଫେଡ଼ାଣର ଜ୍ଞାନ ଉପଯୋଗ କରେ, ସେତେବେଳେ ତାହାର ଶାରୀରିକ କାର୍ଯ୍ୟକଳାପ ଅପେକ୍ଷା ମାନସିକ କାର୍ଯ୍ୟକଳାପ ଅଧିକ ହୋଇଥାଏ। କିନ୍ତୁ ସେ ଯେତେବେଳେ ବାହାରେ ଖେଳିବା ପାଇଁ

ଯୋଜନା କରେ ସେତେବେଳେ ସେ ନିଜର ଶାରୀରିକ କୌଶଳ ସହ ଖେଳରେ ଜିତିବା ପାଇଁ ମାନସିକ କୌଶଳର ମଧ ଉପଯୋଗ କରିଥାଏ। ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥାରେ ଅନ୍ୟାନ୍ୟ କାର୍ଯ୍ୟକଳାପ ସହ ପିଲାମାନଙ୍କର ପୂର୍ଣ୍ଣ ସହଭାଗିତା ଏବଂ ସହଯୋଗର ଆବଶ୍ୟକ ହୋଇଥାଏ। ପ୍ରାଥମିକ ସ୍ତରରେ ଛୋଟ ପିଲାମାନଙ୍କ ପାଇଁ ଶିକ୍ଷଣ ବେଶୀ ପ୍ରଭାବଶାଳୀ ହୋଇଥାଏ ଯେତେବେଳେ ସେମାନଙ୍କର ସହଭାଗିତା ସନ୍ତୋଷଜନକ ହୋଇଥାଏ। ମୁଖ୍ୟ ଭାବେ ସେ ତା'ର ମାନସିକ ସନ୍ତୁଷ୍ଟି ସହିତ ସେମାନଙ୍କର ପାଞ୍ଚ ଇନ୍ଦ୍ରିୟ ଯଥା-ଶୁଣିବା, ଦେଖିବା, ଶୁଂଘିବା, ଛୁଇଁବା ଏବଂ ଚାଖିବା ଆଦିର ସହଭାଗିତା ସନ୍ତୋଷଜନକ ହୋଇଥାଏ। ଯେହେତୁ ଏଇ ପିଲାମାନେ ବୟସ ଏବଂ ସ୍ତରର ଆରମ୍ଭ ଅବସ୍ଥାରେ ଅଛନ୍ତି, ସେମାନେ ଚିନ୍ତନ ଅପେକ୍ଷା ଚିନ୍ତନରୁ ଆନନ୍ଦ ପାଇଥାନ୍ତି। ୟୁନିଟ୍-୪ରେ ଶିକ୍ଷଣକାର୍ଯ୍ୟ ଏବଂ ଏହାର ପ୍ରକୃତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି। କିନ୍ତୁ ସବୁ ଶିକ୍ଷଣ କାର୍ଯ୍ୟରେ ବାସ୍ତବ ସାମଗ୍ରୀର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଯଦିଓ ସବୁ ଉପଲବ୍ଧ ସାମଗ୍ରୀ ଶ୍ରେଣୀ କକ୍ଷରେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ପାଇଁ ଉପଯୋଗ କରାଯାଇପାରିବ, କିନ୍ତୁ କିଛି ବିଶେଷ କାର୍ଯ୍ୟ ପାଇଁ ସାମଗ୍ରୀ ବାଛିବାରେ ଟିକେ ସାବଧାନତା ଅବଲମ୍ବନ କରିଥିବାକୁ ପଡ଼ିଥାଏ। ଏହି ୟୁନିଟ୍‌ର ଭାଗ ୬.୩ରେ ଏହାର ବୈଶିଷ୍ଟ୍ୟ ଆଲୋଚନା ସହିତ ସାମଗ୍ରୀକୁ ଚୟନ ନିମ୍ନଲିଖିତ ଆଧାରରେ କରିବା ଉଚିତ୍।

- ପ୍ରାଥମିକ ସ୍ତରରେ ଶିକ୍ଷଣ କାର୍ଯ୍ୟଗୁଡ଼ିକ ପିଲାମାନଙ୍କ ଜୀବନର ଅନୁଭୂତି ଆଧାରିତ ହୋଇଥିବାରୁ ସାମଗ୍ରୀ ଚୟନ ସେମାନଙ୍କର ବାସ୍ତବିକ ଜୀବନର କାର୍ଯ୍ୟକଳାପ ସହିତ ସମ୍ବନ୍ଧିତ ହେବା ଦରକାର। ଯେ କୌଣସି ଜିନିଷ ଯାହା ଶିକ୍ଷଣକୁ ସହାୟତା କରିଥାଏ ବା ଏହାକୁ ସୁବିଧାଜନକ କରିଥାଏ, ତାହା ପିଲାମାନଙ୍କର ତତ୍‌କାଳ ବାତାବରଣର ବାସ୍ତବ ସାମଗ୍ରୀ ବା କିଛି ପରିଚିତ କାର୍ଯ୍ୟକଳାପ ଯଥା-ଖେଳ, ଖେଳନା, ଗାଇବା ବା ଅଭିନୟ କରିବା ଆଦିରୁ ହୋଇଥାଏ। ଶିକ୍ଷଣ କାର୍ଯ୍ୟକଳାପକୁ ଶ୍ରେଣୀ କକ୍ଷରେ ସଂଚାଳନ କରିବା ପାଇଁ ଏହାର ଚୟନ କରାଯାଇଥାଏ।

- ଶିକ୍ଷଣ ସହିତ ସମ୍ବନ୍ଧିତ ଯେ କୌଣସି ବିଶେଷ ଧାରଣାର ଉପଲବ୍ଧି ପାଇଁ ସାମଗ୍ରୀ ଉପଯୋଗୀ ହେବା ଉଚିତ୍।

  ଉଦାହରଣ:- ପରିବହନର ମହତ୍ୱ ଓ ଅର୍ଥକୁ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ବୁଝିବାକୁ ସାମଗ୍ରୀ ଯଥା- ମଡ଼େଲ୍ ବା ବିଭିନ୍ନ ପ୍ରକାର ପରିବହନର ଚିତ୍ର, ରଥ, ମୋଟର ଗାଡ଼ି, ରେଳଗାଡ଼ି ଇତ୍ୟାଦି ଅନ୍ୟ ସାମଗ୍ରୀଠାରୁ ଅଧିକ ଉପଯୋଗୀ ଅଟେ।

- ପ୍ରତ୍ୟକ୍ଷ ଅନୁଭୂତି ଯଥା- କୌଣସି ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିବା, ଫିଲଡ୍ ଟ୍ରିପ୍, ଷ୍ଟଡ଼ି ଟୁର. ମହତ୍ୱପୂର୍ଣ୍ଣ ସ୍ଥାନମାନଙ୍କୁ ଭ୍ରମଣ କରିବା (ଯଥା- ବ୍ୟାଙ୍କ, ପୋଷ୍ଟ ଅଫିସ୍, ପୋଲିସ ଷ୍ଟେସନ, ରେଲୱେ ଷ୍ଟେସନ୍, ସଂଗ୍ରାଳୟ, ବିଜ୍ଞାନ ପ୍ରୟୋଗ ଶାଳା) ଇତ୍ୟାଦି କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏଗୁଡ଼ିକର ବ୍ୟବହାର ବାସ୍ତବ ଓ ଅର୍ଥପୂର୍ଣ୍ଣ ଶିକ୍ଷଣ ପ୍ରଦାନ କରିଥାଏ।

- ଅଧିକ ସଂଖ୍ୟକ ସାମଗ୍ରୀର ଏକତ୍ରୀକରଣ କରିବା କୌଣସି କାର୍ଯ୍ୟକଳାପକୁ ପ୍ରଭାବଶାଳୀ

ଢଙ୍ଗରେ ପରିଚାଳନା କରିବା ପାଇଁ ଯଥେଷ୍ଟ ନୁହେଁ। କାର୍ଯ୍ୟକଳାପର ଉପଯୁକ୍ତ ଅବସ୍ଥା ଉପରେ ଏହାର ପୃଷ୍ଠ ଭୂମି ସ୍ଥାପନ କରିବା ମହତ୍ୱପୂର୍ଣ୍ଣ ଅଟେ।

- ଶିକ୍ଷଣ କାର୍ଯ୍ୟରେ ଯେଉଁଠି ନୂଆ ଧାରଣାର ଅବତାରଣା କରାଯାଏ, ସେଠାରେ ଧାରଣାର ବୈଶିଷ୍ଟ୍ୟଗୁଡ଼ିକର ସ୍ୱଷ୍ଟ ପୃଥକୀକରଣ ପାଇଁ ଧାରଣା ସହତ ସମ୍ବନ୍ଧିତ ଉଦାହରଣ ଏବଂ ଧାରଣା ସହିତ ଅସମ୍ବନ୍ଧିତ ଉଦାହରଣର ଆବଶ୍ୟକ ହୋଇଥାଏ।

ଉଦାହରଣ ସ୍ୱରୂପ - ଯଦି ଛାତ୍ରଛାତ୍ରୀମାନଙ୍କୁ ଏକ ବୀଜପତ୍ରୀର (ଯେଉଁ ଚାରା ଅଙ୍କୁରିତ ସମୟରେ କେବଳ ଗୋଟିଏ ପତ୍ର ବାହାରିଥାଏ, ଧାରଣା ସହିତ ପରିଚିତ କରାଯାଇଥାଏ, ସେତେବେଳେ ଏହି ପ୍ରକାର ସାମଗ୍ରୀ ଯଥା-ମକା, ଧାନ, ନଡ଼ିଆ ଏବଂ ତାଳ (ସମସ୍ତେ ଏକବୀଜପତ୍ରୀ) ଇତ୍ୟାଦିର ଉପଯୋଗ କରି ଉଦାହରଣ ଦିଆଯାଏ ଏବଂ ଅନ୍ୟ ପକ୍ଷରେ ବିନସ୍, କଖାରୁ, କଖାରୁ, ଆମ୍ବ, ଭେଣ୍ଡି, ଆଳୁ ଇତ୍ୟାଦି ଦ୍ୱି ବୀଜପତ୍ରୀର ଉପଯୋଗ ଓ ଉଦାହରଣ ହିସାବରେ ଦେଇପାରିବେ। ଧାରଣାର ସମ୍ବନ୍ଧିତ ଉଦାହରଣ ଓ ଅସଂବନ୍ଧିତ ଉଦାହରଣକୁ ତୁଳନା କରି ଏକ ବୀଜପତ୍ରୀର ବିଭିନ୍ନ ବୈଶିଷ୍ଟ୍ୟକୁ ବୁଝିବା ପାଇଁ ସହାୟକ କରାଏ ଏବଂ ଛାତ୍ରଛାତ୍ରୀ ଏକ ସଙ୍ଗେ ଦ୍ୱି-ବୀଜପତ୍ରୀ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ କରନ୍ତି।

- ଶିକ୍ଷଣ କାର୍ଯ୍ୟକଳାପ ପାଇଁ ବଛା ଯାଇଥିବା ସାମଗ୍ରୀର ପର୍ଯ୍ୟାପ୍ତ ମାତ୍ରାକୁ ଆରମ୍ଭ କରିବା ପୂର୍ବରୁ ସୁନିଶ୍ଚିତ କରିନେବା ଦରକାର। ଯଦି ଆପଣ ଗୋଟିଏ ବିଷୟ (ଫଳ ଏବଂ ପରିବାର ବର୍ଗୀକରଣ) ଉପରେ ଦଳଗତ ବା ବ୍ୟକ୍ତିଗତ ଶିକ୍ଷଣ କାର୍ଯ୍ୟର ପରିଚାଳନା କରୁଛନ୍ତି, ତା'ହେଲେ ଆପଣଙ୍କୁ ଛାତ୍ରଛାତ୍ରୀମାନଙ୍କୁ ଏବଂ ଦଳର ଉପଯୁକ୍ତ ସଂଖ୍ୟା ଅନୁସାରେ ବାସ୍ତବିକ ସାମଗ୍ରୀଗୁଡ଼ିକୁ ଏକତ୍ରିତ କରିବା ଆବଶ୍ୟକ ହୋଇଥାଏ (ବିଭିନ୍ନ ପ୍ରକାରର ଫଳ ଏବଂ ପରିବା)। ଯଦି ବାସ୍ତବିକା/ପ୍ରକୃତ ବସ୍ତୁର ବ୍ୟବସ୍ଥା କରିବା କଠିନ ହୁଏ, ତା'ହେଲେ ଆପଣ ପର୍ଯ୍ୟାପ୍ତ ସଂଖ୍ୟାରେ ବସ୍ତୁର ମଡ଼େଲ, ଚିତ୍ର, ଫ୍ଲାସ୍ କାର୍ଡ଼ ଆଦି ତିଆରି କରି ପାରିବେ ଏବଂ ଉପଯୋଗ ପାଇଁ ଏଗୁଡ଼ିକୁ ତିଆରି କରି ରଖି ପାରିବେ।

**କାର୍ଯ୍ୟକଳାପ - ୫**

ଛୋଟ କାଠି ଓ ପତ୍ରର ବ୍ୟବହାର କରି ଏକରୁ ଅଧିକ ଶିକ୍ଷଣ କାର୍ଯ୍ୟ ଯେ କୌଣସି ଏକ ଶ୍ରେଣୀ ପାଇଁ ପ୍ରସ୍ତୁତ କରନ୍ତୁ ଏବଂ ସାମଗ୍ରୀ ଗୁଡ଼ିକର ଉପଯୋଗିତାର ଯଥାର୍ଥତା ନିର୍ଣ୍ଣୟ କରନ୍ତୁ।



ଟିପ୍ପଣୀ

## ୬.୪ ଶିକ୍ଷଣ ସାମଗ୍ରୀର ପରିଚାଳନା

ଆପଣଙ୍କର ଏହି ଅନୁଭୂତି ଥିବ ଯେ ଅଧିକାଂଶ ସମୟରେ ଆପଣ ଶିକ୍ଷଣ ସାମଗ୍ରୀ ବିନା ଶ୍ରେଣୀ ଗୃହରେ ଶିକ୍ଷଣ କରାଉଛନ୍ତି ଯଦିଓ ଆପଣ ଜାଣିଥାନ୍ତି ଯେ ଉକ୍ତ ଧାରଣା ପାଇଁ କି କି ସାମଗ୍ରୀର ଆବଶ୍ୟକ ଅଛି। ଏହିପରି ପରିସ୍ଥିତି ମନେ ପକାନ୍ତୁ ଯେଉଁଠାରେ ଆପଣ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ନାହାନ୍ତି।

ସମ୍ଭବତଃ ଗୋଟିଏ ବା ଅଧିକ କାରଣ ନିମ୍ନରେ ଦିଆ ଯାଇଥିବା କାରଣ ମଧ୍ୟରୁ ହୋଇଥିବ ଯାହା କି ଶିକ୍ଷଣ ସାମଗ୍ରୀ ବିନା ଶିକ୍ଷଣ କରାଯାଇଥିବ।

- ଯେତେବେଳେ ଶ୍ରେଣୀ କକ୍ଷରେ ପର୍ଯ୍ୟାପ୍ତ ସଂଖ୍ୟାରେ ଶିକ୍ଷଣ ସାମଗ୍ରୀ ଉପଲବ୍ଧ ନଥାଏ।
- ଶ୍ରେଣୀ ବା ବିଦ୍ୟାଳୟର ଭଣ୍ଡାରରେ ଉପଯୁକ୍ତ ବା ଉପଯୋଗୀ ଶିକ୍ଷଣ ସହାୟକ ସାମଗ୍ରୀ ନଥାଏ।
- ଶ୍ରେଣୀ ବା ବିଦ୍ୟାଳୟର ଭଣ୍ଡାରରେ ବହୁତ ସଂଖ୍ୟାରେ ଶିକ୍ଷଣ ସହାୟକ ସାମଗ୍ରୀ ଥାଏ ଏବଂ ସେଥି ମଧ୍ୟରୁ ଉପଯୋଗୀସାମଗ୍ରୀକୁ ବାଛିବା କଠିନ ହୁଏ।
- ଅଧିକାଂଶ ଶିକ୍ଷକ ଭାବନ୍ତି ଯେ ଶିକ୍ଷଣ ସହାୟକ ସାମଗ୍ରୀର ଉପଯୋଗ କଲେ ଶ୍ରେଣୀରେ ଅଧିକ ସମୟ ଲାଗେ ଏବଂ ଏହି କାରଣରୁ କୋର୍ସ ଠିକ୍ ସମୟରେ ଶେଷ ହୁଏ ନାହିଁ।

ଏହି ସବୁ କାରଣ ଯୋଗୁ ଶ୍ରେଣୀରେ ଶିକ୍ଷଣ ସହାୟକ ସାମଗ୍ରୀର କିଣାବଟା, ବ୍ୟବହାର ଓ ରକ୍ଷଣାବେକ୍ଷଣା କରିବାର ଯୋଜନା ଏବଂ ଉଚିତ୍ ପରିଚାଳନାର ଅଭାବକୁ ଦର୍ଶାଇଥାଏ। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷଣ ସହାୟକ ସାମଗ୍ରୀକୁ କିଣିବା ବା ବିକଶିତ କରିବା ପାଇଁ ବାରମ୍ବାର ସର୍ବଶିକ୍ଷା ଅଭିଯାନ (SSA) ଖର୍ଚ୍ଚ ଉପଲବ୍ଧ କରାଉଅଛି ଏବଂ ଅଧିକାଂଶ ବିଦ୍ୟାଳୟ ଗୁଡ଼ିକରେ ଆପଣ ଅନେକ ବଡ଼ ମାତ୍ରାରେ ବିଭିନ୍ନ ବିଷୟ ସହିତ ସମ୍ବନ୍ଧିତ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରାପ୍ତ କରି ପାରିବେ। ଯଦିଓ କୌଣସି ଶ୍ରେଣୀରେ ଶିକ୍ଷଣ ସହାୟକ ସାମଗ୍ରୀର ବଡ଼ ମାତ୍ରାରେ ରହିବାରୁ ଲାଭ ମିଳେ କିନ୍ତୁ ଅଧିଗମର ସୁବିଧାଜନକ କରିବା ସେଗୁଡ଼ିକର ଉପଯୋଗିତାର ସୁନିଶ୍ଚିତ ହେବା ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ଜଣେ ଶିକ୍ଷକ ହିସାବରେ ଆପଣ ଶିକ୍ଷଣ ସହାୟକ ସାମଗ୍ରୀର ଶ୍ରେଣୀରେ ଉଚିତ୍ ପରିଚାଳନାର ଜ୍ଞାନ ରହିବା ଜରୁରୀ। ଶ୍ରେଣୀର ପରସ୍ପର ପ୍ରକ୍ରିୟାର ତିନୋଟି ଅବସ୍ଥାଗୁଡ଼ିକ ଉପରେ ଶିକ୍ଷଣ ସହାୟକ ସାମଗ୍ରୀର ପରିଚାଳନା ଆବଶ୍ୟକ ଅଛି।

- ଏକତ୍ରିକରଣ କରିବା, ବିକାଶ କରିବା, କିଣିବା ଏବଂ ଶ୍ରେଣୀ କାର୍ଯ୍ୟକଳାପକୁ ଆରମ୍ଭ କରିବା ପୂର୍ବରୁ ସେମାନଙ୍କ ବ୍ୟବସ୍ଥା କରିବା।
- ଶ୍ରେଣୀ ଶିକ୍ଷଣ କାର୍ଯ୍ୟରେ ଠିକଣା ବ୍ୟବହାର ।
- ଶ୍ରେଣୀ କାର୍ଯ୍ୟକଳାପ ପରେ ସେମାନଙ୍କର ଉଚିତ୍ ରକ୍ଷଣାବେକ୍ଷଣା ଏବଂ ଭଣ୍ଡାରଣ କରିବା।

### ୬.୪.୧ ଶିକ୍ଷଣ ସହାୟକ ସାମଗ୍ରୀକୁ ସଂଗ୍ରହ କରିବା, ତିଆରି କରିବା ଏବଂ ସାଇତି ରଖିବା।

ଶିକ୍ଷଣ ସହାୟକ ସାମଗ୍ରୀକୁ ସଂଗ୍ରହ କରିବା ପ୍ରାୟଃ ଶିକ୍ଷଣ ସହାୟକ ସାମଗ୍ରୀ ସଂଗ୍ରହ କିଣାଯାଏ ବା ତିଆରି କରାଯାଏ ବା କେବେ କେବେ ପିଲାମାନଙ୍କ ସାହାଯ୍ୟରେ ତିଆରି କରାଯାଏ। ଆପଣ ହୁଏତଃ ବିନା ମୂଲ୍ୟ ସାମଗ୍ରୀ ଏକତ୍ରିତ କରନ୍ତି ବା ବଜାରରୁ ଉପଲବ୍ଧ ଆବଶ୍ୟକ ସାମଗ୍ରୀକୁ କିଣିଥାନ୍ତି। ଆମେ ଜାଣିଛୁ ଯେ ଆମ ବିଦ୍ୟାଳୟର ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ ଓ ସାମାଜିକ ବାତାବରଣରେ ପ୍ରଚୁର ସାମଗ୍ରୀ ଅଛି ଯାହାକୁ ଆମେ ଶିକ୍ଷଣ ପ୍ରକ୍ରିୟା ପାଇଁ ଉପଯୋଗ କରିପାରିବା। ନିଜର ପରିବେଶରେ ଏମିତି କିଛି ସାମଗ୍ରୀ ବିଷୟରେ ଚିନ୍ତା କରନ୍ତୁ ଯାହା ଶିକ୍ଷଣ ଏକ ମହତ୍ୱପୂର୍ଣ୍ଣ ଉତ୍ସ ହୋଇପାରିବ। ଯେଉଁଠି ଏହି ପ୍ରକାରର ବହୁତ ସାରା ସାମଗ୍ରୀ ଅଛି କିନ୍ତୁ ସେମାନଙ୍କ ମଧ୍ୟରୁ ଯାହା ଉପଯୁକ୍ତ ଏବଂ ଯାହାର ବିଶେଷ ଅଧିଗମ ପରିସ୍ଥିତି ଗୁଡ଼ିକରେ ଉପଯୋଗ ପାଇଁ ଶ୍ରେଣୀରେ ଅଣାଯାଇ ପାରିବ। ଏବଂ ସେହି ସାମଗ୍ରୀ ଉପଯୁକ୍ତ ଅଟେ ଯାହା ଆମ ପରିବେଶରୁ ଏକତ୍ରିତ ହୋଇପାରିବ।

ପରିବେଶରେ ବାସ୍ତବିକ ବସ୍ତୁଗୁଡ଼ିକୁ ଏକତ୍ରିତ କରିବା ବ୍ୟତୀତ ଆମେ ବିଭିନ୍ନ ପ୍ରକାରର ଶିକ୍ଷଣ ସହାୟକ ସାମଗ୍ରୀ ଏକତ୍ରିତ କରିପାରୁଛୁ, ଯାହା ଆମ ଆଖପାଖ, ସାଇପଡ଼ିଶାରେ ଉପଲବ୍ଧ ହୋଇପାରିବ ନାହିଁ। ଆମେ ଆମ ଜଣାଶୁଣା ବା ସମ୍ପର୍କିତ ବିଭିନ୍ନ ସ୍ଥାନଗୁଡ଼ିକରୁ ସାମଗ୍ରୀ ଯଥା- ବିଭିନ୍ନ ପ୍ରକାର ଖଣିଜ ବା ଶିଳା ଖଣ୍ଡ, ବିଭିନ୍ନ ପ୍ରକାରର ଖାଦ୍ୟ ଶସ୍ୟ, ପକ୍ଷୀମାନଙ୍କର ପର ଆଦି ଏକତ୍ରିତ କରିପାରିବା, ଯାହା ବଜାରରୁ କିଣି କରି ମଧ୍ୟ ଏକତ୍ରିତ କରା ଯାଇପାରିବ।

ଶ୍ରେଣୀରେ ବ୍ୟବହାର ପାଇଁ ସାମଗ୍ରୀର ଏକତ୍ରିକରଣରେ ପିଲାମାନଙ୍କୁ ମଧ୍ୟ ସାମିଲ କରିବା ଦ୍ୱାରା ବହୁତ ଲାଭ ହୁଏ। ଏହାଦ୍ୱାରା ଆପଣଙ୍କୁ ମାଗଣାରେ କମ୍ ପରିଶ୍ରମରେ ବଡ଼ ମାତ୍ରାର ସାମଗ୍ରୀର ଏକତ୍ରିକରଣରେ ସହାୟତା ମିଳେ। ଏଥିରୁ ପିଲାମାନେ ନିଜ ଚତୁଃପାର୍ଶ୍ୱରେ ଅନୁସନ୍ଧାନ କରିବାରେ ଉତ୍ସାହିତ ହେବେ ଏବଂ ଏହା ହୃଦୟଙ୍ଗମ କରିବେ ଯେ ପରିବେଶରେ ଥିବା ପ୍ରତ୍ୟେକ ଉପାଦାନ ଶିକ୍ଷଣର ଉତ୍ସ ହୋଇପାରିବ। ପିଲାମାନେ ଏହି ପ୍ରକାରର ଏକତ୍ରିକରଣରେ ସାମିଲ ହେବା, ବର୍ଗୀକରଣ କରିବା, ଶିକ୍ଷଣ କାର୍ଯ୍ୟକଳାପରେ ଏହାର ଉପଯୋଗ କରିବା ଏବଂ ଶ୍ରେଣୀରେ ତାହାର ଭଣ୍ଡାରକରଣ ଏବଂ ରକ୍ଷଣାବେକ୍ଷଣା କରିବା ଆଦି ଛୋଟ ପିଲାମାନଙ୍କ ସୁସ୍ଥ ବୋଧଶକ୍ତି ବିକାଶରେ ସହାୟତା କରିଥାଏ ଯାହା ବିଦ୍ୟାଳୟରେ ପ୍ରଥମ ସ୍ତରରୁ ଲାଭକାରୀ ହୋଇଥାଏ। ବିଭିନ୍ନ ପ୍ରକାରର ସାମଗ୍ରୀଗୁଡ଼ିକୁ ଏକତ୍ରିତ କରିବାର ଅଭ୍ୟାସ ବିକାଶ କରିବା ଏକ ଭଲ ଅଭ୍ୟାସ ଯାହାର ଅନେକ ଲାଭ ନିମ୍ନରେ ଦିଆଗଲା:

**ସାମଗ୍ରୀ ସଂଗ୍ରହ ଅଭ୍ୟାସ**

ବିଶିଷ୍ଟ ସାମଗ୍ରୀଗୁଡ଼ିକର ଏକତ୍ରୀତ କରିବାର ଅଭ୍ୟାସ ବିକାଶ କରିବା ଏକ ଅଭ୍ୟାସ ଅଟେ। ଯାହାକୁ ପିଲାମାନଙ୍କୁ ତାଙ୍କର ବାଲ୍ୟବସ୍ଥାରୁ ବିକଶିତ କରାଯାଇ ପାରିବ। ଆପଣ ଆପଣମାନଙ୍କର ପିଲାମାନଙ୍କୁ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା-ବିଭିନ୍ନ ଦେଶର ଡାକ ଟିକଟ୍, ମୁଦ୍ରା, ନୋଟ୍, ଚିତ୍ର, ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଫଟୋଗ୍ରାଫ୍, ବିଭିନ୍ନ ପ୍ରକାରର ଶିଳା,



ଟିପ୍ପଣୀ

ଖଣିଜ, ମଞ୍ଜି, ଶସ୍ୟ, ଚାଉଳ ବା ଅନ୍ୟ ଖାଦ୍ୟ ଶସ୍ୟ, ଖେଳନା, ଦିଆସିଲି ଖୋଳ, ମହମବତୀ, ବାଳ ପିନ୍‌ର ଏକତ୍ରିତ କରିବାକୁ ପ୍ରୋତ୍ସାହନ କରାଇପାରନ୍ତି। କେତେକ ପିଲାମାନେ ଗୋଲକଧନ୍ଦା, ଲୋକ-କଥା ଓ ଲୋକଗୀତ, ପ୍ରବାଦ/ଢଗ ଇତ୍ୟାଦି ଏକତ୍ରୀତ କରିବାକୁ ମଧ୍ୟ କୁହାଯାଇପାରେ। କୌଣସି ପ୍ରଥା ବା ରୀତିନୀତି ବିରୁଦ୍ଧ ବିଷୟବସ୍ତୁକୁ (ଯେ କୌଣସି ବିଷୟ କ୍ଷେତ୍ରରେ ସମ୍ବନ୍ଧିତ କରାଯାଇ ପାରିବେ) ଏକତ୍ରୀତ କରିବା ପାଇଁ ପିଲାମାନଙ୍କୁ ପ୍ରୋତ୍ସାହିତ କରିବା ଦରକାର।

ଏକତ୍ରୀକରଣର ତାଲିକା ଅନ୍ତହୀନ ହୋଇପାରେ। ଏହାର ଚୟନ ପିଲାମାନଙ୍କ ଉପରେ ଛାଡ଼ି ଦିଅନ୍ତୁ ଏବଂ ଆପଣଙ୍କୁ କେବଳ ଦେଖିବା ଦରକାର ଯେ ସେମାନଙ୍କ ପାଖରେ କେତେ ପସନ୍ଦ ଅଛି।

ଏହି ପ୍ରକାରର ଏକତ୍ରୀକରଣ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବ୍ୟକ୍ତିଗତ ରୂପରେ ବା ଦଳଗତ ଭାବରେ କରାଯାଇ ପାରିବ। ଏକ ଭଲ ସଂଖ୍ୟାରେ ସାମଗ୍ରୀକୁ ଏକତ୍ରିତ କରିବା ପରେ, ସାମଗ୍ରୀର ବର୍ଗୀକରଣ କରାଯାଇପାରିବ, ପ୍ରଦର୍ଶନ ପାଇଁ ନାମକରଣ କରାଯାଇପାରିବ ଏବଂ ଏକତ୍ରିତ କରିବାବାଲାଙ୍କ ଦ୍ୱାରା ସଂରକ୍ଷଣ କରା ଯାଇପାରିବ। ଏଗୁଡ଼ିକ ବିଦ୍ୟାଳୟର ପ୍ରଦର୍ଶନୀରେ ପ୍ରଦର୍ଶନ କରାଯାଇପାରିବ।

ୟୁନିଟ୍-୧୪ରେ କରାଯାଇଥିବା ଆଲୋଚନା ଅନୁସାରେ ଆକଳନର ଭାଗ ମଧ୍ୟ କରାଯାଇ ପାରିବ। ଏଗୁଡ଼ିକୁ କେବଳ ଆପଣ ଶ୍ରେଣୀରେ ଅର୍ଥପୂର୍ଣ୍ଣ ଶିକ୍ଷଣ ସାମଗ୍ରୀ ଭାବରେ ଉପଯୋଗ କରିବେ ନାହିଁ ବରଂ ଏକତ୍ରୀକରଣର ଆଧାରରେ ଛାତ୍ରଛାତ୍ରୀ ପ୍ରକରଣର ଲେଖାକୁ ମଧ୍ୟ ବିକଶିତ କରିପାରିବେ ଯାହାକୁ ତଥ୍ୟ ବା ଧାରଣାର ଜ୍ଞାନ ଏବଂ ବୋଧଜ୍ଞାନକୁ ବିସ୍ତୃତ କରି ପାରିଥାଏ, ଯାହା ଆପଣଙ୍କ ଦ୍ୱାରା କରାଯାଇଥିବା ଶିକ୍ଷଣଠାରୁ ସାମାନ୍ୟ ବିସ୍ତାରିତ ହୋଇଥାଏ। ପ୍ରଥମେ, ଏହି ପ୍ରକାରର ଏକତ୍ରୀକରଣର ବିକଶିତ କରିବା ସବୁ ସମୟରେ ଏକ ସଉକ୍ ହେଇ ପାରିବ ଯାହା ପିଲାମାନଙ୍କ ଶିକ୍ଷଣକୁ ସମୃଦ୍ଧ କରିବାକୁ ସହାୟକ ହୁଏ ଏବଂ ଭବିଷ୍ୟତରେ ତାହାକୁ ବ୍ୟକ୍ତିତ୍ୱ ଏବଂ ଚରିତ୍ର ନିର୍ମାଣରେ ସହାୟକ ହୋଇପାରିବ।

ଶିକ୍ଷାବର୍ଷ ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ହିଁ ଏହି ପ୍ରକାର ସାମଗ୍ରୀ ଯେଉଁଗୁଡ଼ିକରେ ସ୍ଥାୟୀତ୍ୱ ଅଧିକ ସମୟ ଏବଂ ସଂରକ୍ଷଣ କରାଯାଇ ପାରିବ ତାହାର ଏକତ୍ରୀକରଣ ଏବଂ ସାଇତିବା ଦରକାର। ଅନ୍ୟ ପକ୍ଷରେ କିଛି ସାମଗ୍ରୀ ଯଥା-ଫୁଲ, ଫଳ, ପରିବା, ଖାଦ୍ୟ ପଦାର୍ଥ ଆଦି ଶ୍ରେଣୀର କାର୍ଯ୍ୟକଳାପରେ ବ୍ୟବହାର କରିବା ଦିନ ହିଁ ଏକତ୍ରୀତ କରାଯାଇପାରିବ।

**ଶିକ୍ଷଣ ଅଧିଗମ ସାମଗ୍ରୀର ପ୍ରସ୍ତୁତି**

ଶିକ୍ଷଣ ସାମଗ୍ରୀ ସଂଗ୍ରହ କରିବା ଏବଂ ନମୂନା ରୂପକ ବସ୍ତୁଗୁଡ଼ିକୁ କିଣିବା ବ୍ୟତୀତ ଆପଣଙ୍କୁ କିଛି ସାମଗ୍ରୀକୁ ତିଆରି କରିବା ଆବଶ୍ୟକ ହେବ। ଯାହା ବିଶେଷ ରୂପରେ ଆପଣଙ୍କ ଶ୍ରେଣୀ କାର୍ଯ୍ୟକଳାପଗୁଡ଼ିକ ପାଇଁ ଆବଶ୍ୟକ ହେବ। ଶିକ୍ଷଣର ବିଶିଷ୍ଟ ଧାରଣାଗୁଡ଼ିକ ପାଇଁ ପ୍ରାୟ ଆପଣ କିଛି ସ୍ୱତନ୍ତ୍ର ସାମଗ୍ରୀର ଆବଶ୍ୟକତା କରନ୍ତି, ଯାହା ପରିବେଶରେ ବା ବଜାରରେ ଉପଲବ୍ଧ ନ ଥାଏ।

ଟିପ୍ପଣୀ

ଉଦାହରଣ ସ୍ୱରୂପ - ଆପଣ ପ୍ରାଚୀନ ଭାରତର ଇତିହାସରେ ଆର୍ଯ୍ୟ ସମୟର ଶିକ୍ଷଣ କରାଉଛନ୍ତି। ସେମାନଙ୍କ ଜୀବନଶୈଳୀକୁ ପ୍ରଦର୍ଶିତ କରିବା ପାଇଁ ଆପଣଙ୍କୁ ସକ୍ରିୟ କରିବା ପାଇଁ କିଛି ଚିତ୍ରର ଆବଶ୍ୟକତା ଅଛି। ଆପଣଙ୍କ ପାଖରେ ସେହି ସମୟର ଚିତ୍ର ଏବଂ ଡାୟଗ୍ରାମର କିଛି ଉପଲବ୍ଧ ହେଉନାହିଁ। ଏହି ପରିସ୍ଥିତିରେ ଯଦି ଆପଣ ପାଠ ଯୋଜନାର ଆବଶ୍ୟକତାନୁସାରେ କିଛି ଚିତ୍ର ବା ମଡ଼େଲକୁ ବିକଶିତ କରିପାରିବେ, ତାହେଲେ ବହୁତ ଭଲ କଥା । ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାମଗ୍ରୀ ଯେମିତିକି ବିଭିନ୍ନ ବିଷୟ ଉପରେ ଆଧାରିତ ଫ୍ଲାସକ କାର୍ଡ, ସଂଖ୍ୟା ଏବଂ ବର୍ଣ୍ଣମାଳାର କାର୍ଡ଼, କାଗଜ, ସ୍କେଲ, ଥର୍ମୋକେଲ, କାଠି, ଚାର୍ଟ ଇତ୍ୟାଦି ଦ୍ୱାରା ତିଆରି କରାଯାଇ ଥିବା ମଡ଼େଲ, ଗ୍ରାଫ୍, ଚିତ୍ର, ଖେଳନା ଇତ୍ୟାଦି ତିଆରି କରାଯାଏ। ବିଦ୍ୟାଳୟଗୁଡ଼ିକରେ ସର୍ବଶିକ୍ଷା ଅଭିଯାନ ବା ଅନ୍ୟ କେଉଁ ଉତ୍ସରୁ ଉପଲବ୍ଧ ଧନ ରାଶି ଦ୍ୱାରା ସାମଗ୍ରୀର ପ୍ରସ୍ତୁତ କରିବାକୁ ହୋଇଥାଏ।

**ସାମଗ୍ରୀ ତିଆରି କରିବା ସମୟରେ ନିମ୍ନଲିଖିତ ଉପରେ ଧ୍ୟାନ ରଖିବା ଆବଶ୍ୟକ**

ଶିକ୍ଷାବର୍ଷ ଆରମ୍ଭରୁ ଆବଶ୍ୟକ ହେଉଥିବା ସାମଗ୍ରୀର ଏକ ତାଲିକା ଏବଂ ପରିମାଣ ତିଆରି କରନ୍ତୁ। ଶିକ୍ଷା ବର୍ଷ ଆରମ୍ଭରୁ ହିଁ ଏହାର ଯୋଜନା କରିବା ଓ ପ୍ରସ୍ତୁତି କରିବା ଆବଶ୍ୟକ।

- କଞ୍ଚାମାଲ୍ ରୂପରେ ସାମଗ୍ରୀ ଯଥା- କାଗଜ, ଡ୍ରଇଂ ସିଟ୍, କାର୍ଡ଼ ବୋର୍ଡ଼, ବଲ୍, ରଙ୍ଗ, କ୍ଲେ ମାଟି, ପ୍ଲାଷ୍ଟିସିନ, ଥର୍ମୋକୁଲ ସିଟ୍ ଆଦି ପର୍ଯ୍ୟାପ୍ତ ମାତ୍ରାରେ ରହିବା ଦରକାର। ଏହା ବ୍ୟତୀତ କଇଁଚି, ଛୁରୀ, ମାପ ଫିତା ଆଦି ଉପକରଣ ଆବଶ୍ୟକତା ଅନୁସାରେ ରହିବା ଦରକାର।
- ସାମଗ୍ରୀକୁ ତିଆରି କରିବା ଏବଂ ଯୋଜନା କରିବାରେ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରାନ୍ତୁ। ସେମାନଙ୍କୁ ଏହି କାର୍ଯ୍ୟକଳାପରେ ସାମିଲ କରାଇବା ଆବଶ୍ୟକ କାରଣ ଏହି ପ୍ରକାର କାର୍ଯ୍ୟକଳାପ କରିବାକୁ ସେମାନେ ପସନ୍ଦ କରିଥାଆନ୍ତି। ଯେତେବେଳେ ଛାତ୍ରଛାତ୍ରୀମାନଙ୍କୁ ଏହି ଯୋଜନା କିଆରି କରିବାକୁ ସାମିଲ କରାନ୍ତି ସେମାନେ ବହୁତ କିଛି ଶିଖି ପାରନ୍ତି। ପ୍ରଥମେ, ସାମଗ୍ରୀର ରକ୍ଷଣାବେକ୍ଷଣ ଏବଂ ସଂରକ୍ଷଣରେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରନ୍ତି କାରଣ ସାମଗ୍ରୀଗୁଡ଼ିକୁ ସେମାନେ ତିଆରି କରିଛନ୍ତି ଏବଂ ସେମାନେ ତାହାକୁ ନଷ୍ଟ କରିବେ ନାହିଁ।
- ଯେତେବେଳେ ଶିକ୍ଷଣ ସାମଗ୍ରୀର ପ୍ରସ୍ତୁତି ପାଇଁ ଯୋଜନା କରନ୍ତି ଏବଂ ଏହାକୁ ତିଆରି କରନ୍ତି, ସେତେବେଳେ ଆମେ ଧ୍ୟାନ ଦେବା ଓ ଚେଷ୍ଟା କରିବା ଦରକାର ଯେ ଯେପରି ସାମଗ୍ରୀଟି ଦୀର୍ଘସ୍ଥାୟୀ ହେବ ଏବଂ ବିଭିନ୍ନ ଅବସରରେ ଏବଂ ବିଭିନ୍ନ ବିଷୟ କ୍ଷେତ୍ରରେ ଏହାର ଉପଯୋଗ ହୋଇପାରିବ।
- ବିଦ୍ୟାଳୟରେ ଏକ ପ୍ରଦର୍ଶନୀର ଆୟୋଜନ କରନ୍ତୁ ଯେଉଁଠି ଅଲଗା ଅଲଗା ଶ୍ରେଣୀର ଛାତ୍ରଛାତ୍ରୀମାନେ ନିଜେ ତିଆରି କରିଥିବା ସାମଗ୍ରୀର ପ୍ରଦର୍ଶନୀ କରିବେ। ଏହା ଛାତ୍ରଛାତ୍ରୀମାନଙ୍କୁ ଉପଯୋଗୀ ଏବଂ ନୂଆ ନୂଆ ସାମଗ୍ରୀକୁ ବିକଶିତ କରିବାର ଭାବନାର ଉତ୍ସାହିତ କରିବ।





- ପ୍ରତିଭାଶାଳୀ ଛାତ୍ରଛାତ୍ରୀ, ଦକ୍ଷ ସହକର୍ମୀ ଏବଂ ସ୍ଥାନୀୟ କଳାକାରମାନଙ୍କୁ ଚିହ୍ନିତ କରନ୍ତୁ ଏବଂ ସାମଗ୍ରୀର ବିକଶିତ କରାଇବାକୁ ସେମାନଙ୍କର ସହାୟତା ଲୋଡ଼ନ୍ତୁ।

**ଶିକ୍ଷଣ ଅଧିଗମ ସାମଗ୍ରୀର ସଂରକ୍ଷଣ**

ଶିକ୍ଷଣ ସାମଗ୍ରୀର ସାବଧାନତା ପୂର୍ବକ ସଂରକ୍ଷଣ କରାଗଲେ ତାହା ସାମଗ୍ରୀକୁ ପ୍ରୟୋଗ କରିବାରେ ସହଜ ହୁଏ ଏବଂ କମ୍ ମାତ୍ରାରେ ନଷ୍ଟ ହୁଏ। ଯେତେବେଳେ ଅଧିକରୁ ଅଧିକ ସାମଗ୍ରୀ ଗ୍ରହଣ କରିବାର ଆବଶ୍ୟକତା ହୁଏ, ସେତେବେଳେ ଆପଣ ତାହାର ଉପଯୁକ୍ତ ଭଣ୍ଡାରଣ ଉପରେ ଧ୍ୟାନ ଦେବା ଆବଶ୍ୟକ ଥାଏ। ସାମଗ୍ରୀର ଉପଯୁକ୍ତ ସଂରକ୍ଷଣକୁ ସୁନିଶ୍ଚିତ କରିବାକୁ କିଛି ନିମ୍ନଲିଖିତ ସର୍ତ୍ତାବଳୀର ଆବଶ୍ୟକ ଅଛି :-

ସାମଗ୍ରୀର ଉପଯୋଗ ପାଇଁ, ସଂରକ୍ଷଣର ସ୍ଥାନ, ଶ୍ରେଣୀ ଭିତରେ ବା ଶ୍ରେଣୀ ଗୃହର ନିକଟରେ ହେବା ଦରକାର।

- ସାମଗ୍ରୀକୁ ବିଭିନ୍ନ ବର୍ଗରେ ବ୍ୟବସ୍ଥିତ କରନ୍ତୁ ଏବଂ ଏହି ଅନୁସାରେ ସେଗୁଡ଼ିକୁ ବିଭିନ୍ନ ର୍ୟାକ୍, ଆଲମାରି ବା ସେଲ୍ଫରେ ରଖନ୍ତୁ। ଉଦାହରଣ ସ୍ୱରୂପ - ବିଭିନ୍ନ ପ୍ରକାର ମଞ୍ଜିକୁ ଅଲଗା ଅଲଗା କରନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ମଞ୍ଜି ଅଲଗା ଅଲଗା ପଲିଥିନ ପ୍ୟାକେଟ ବା ଜାର୍‌ରେ ରଖନ୍ତୁ। ଫ୍ଲେସ୍ କାର୍ଡ଼କୁ ଥିମ୍ ହିସାବରେ ଅଲଗା ଅଲଗା କରନ୍ତୁ ଏବଂ ଅଲଗା ଅଲଗା ପ୍ୟାକେଟ୍‌ଗୁଡ଼ିକରେ ରଖନ୍ତୁ। ଏହି ପ୍ରକାରର ଅନ୍ୟ ସାମଗ୍ରୀ ଯଥା -ଶିଳା, ଖଣିଜ, ଚିତ୍ର, ଚାର୍ଟ ଆଦିକୁ ମଧ୍ୟ ଉଚିତ୍ ଭାବେ ବ୍ୟବସ୍ଥିତ କରନ୍ତୁ।
- ଥରେ ବ୍ୟବହାର କରାଯିବା ଏବଂ ଅନେକ ଥର ବା ବାରମ୍ବାର ଉପଯୋଗ କରା ଯାଉଥିବା ସାମଗ୍ରୀକୁ ଅଲଗା ଅଲଗାରଖନ୍ତୁ।
- ର୍ୟାକ୍ ବା ଆଲମାରୀର ଉଚ୍ଚତା ପିଲାମାନଙ୍କର ହାତପାହାନ୍ତାରୁ ଅଧିକ ନହେବା ଦରକାର। କାରଣ ଛାତ୍ରଛାତ୍ରୀମାନଙ୍କୁ ର୍ୟାକରୁ ବସ୍ତୁଗୁଡ଼ିକର ବର୍ଗୀକରଣ, ପ୍ୟାକେଜିଙ୍ଗ ଅନୁସାରେ ରଖିବାକୁ ପଡ଼ିବ। ବ୍ୟବହାର କରିବା ପରେ ସେଗୁଡ଼ିକୁ ପୁନଃ ର୍ୟାକ୍‌ରେ ରଖିବାକୁ ପଡ଼ିବ।
- ଆପଣଙ୍କୁ ସାବଧାନତାର ସହିତ ଦେଖିବା ଦରକାର ଯେ ସଂରକ୍ଷଣ ବ୍ୟବସ୍ଥା ଏପରି ହୋଇଥିବ ଯେ ଶିକ୍ଷଣ ସାମଗ୍ରୀକୁ କ୍ଷତି ନ ହୁଏ। ସଂରକ୍ଷଣର ସ୍ଥାନ ଉଚିତ୍ ରୂପରେ ସଂକ୍ରମଣ ରହିତ ହୋଇଥିବା ଦରକାର। ପୋକ ଏବଂ ଅସରପାମାନଙ୍କଠାରୁ ମୁକ୍ତ ରହିବା ଦରକାର।

## ୬.୪.୨ ଶିକ୍ଷଣ ସହାୟକ ସାମଗ୍ରୀର ବ୍ୟବହାର ଏବଂ ରକ୍ଷଣାବେକ୍ଷଣ

ଏଠାରେ ଦେଖା ଯାଇଛି ଯେ ଯେତେବେଳେ ଶିକ୍ଷଣ ଅଧିଗମ ସାମଗ୍ରୀର ଉପଯୋଗ ଶ୍ରେଣୀରେ କରାଯାଏ, ସେତେବେଳେ ଶିକ୍ଷକ ଅଧିକାଂଶ ସମୟ ଏଗୁଡ଼ିକୁ କେବଳ ପ୍ରଦର୍ଶନ କରାଇଥାନ୍ତି। ଯେତେବେଳେ କୌଣସି ଧାରଣା ବା ପ୍ରକରଣକୁ ବର୍ଣ୍ଣନା କରନ୍ତି ବା କୌଣସି ଗାଣିତିକ ସମସ୍ୟାକୁ ସମାଧାନ କରିଥାନ୍ତି ସେତେବେଳେ ଶ୍ରେଣୀରେ ଏକ ବା କିଛି ରୂପାନ୍ତରିତ କରି

ଟିପ୍ପଣୀ

ବଡ଼ ଆକାରକୁ ଦର୍ଶନୀୟ ବସ୍ତୁକୁ ସବୁ ପିଲାମାନେ ଦେଖାଇଥାନ୍ତି। ଶିକ୍ଷଣର ଏପରି ସ୍ଥିତିରେ, ଶିକ୍ଷଣ ସାମଗ୍ରୀର ପ୍ରଦର୍ଶନ ଦ୍ୱାରା, ଛାତ୍ରଛାତ୍ରୀମାନଙ୍କ ପାଖରେ ଶିକ୍ଷଣ ସାମଗ୍ରୀକୁ ସ୍ୱଂୟ ଉପଯୋଗ କରିବାକୁ ବହୁତ କମ୍ ଅବସର ପାଇଥାଏ। ଏହା ବି ଦେଖାଯାଇଛି ଯେ ଶିକ୍ଷକ ମଧ୍ୟ ଶିକ୍ଷଣ ସାମଗ୍ରୀର ବ୍ୟବହାର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରିବାକୁ ବିଶ୍ୱାସ କରନ୍ତି ନାହିଁ କାରଣ ସେମାନେ ଭାବିଥାନ୍ତି ଯେ ପିଲାମାନେ ଏହାକୁ ନଷ୍ଟ କରିଦେବେ। ଏହି ପରିସ୍ଥିତିରେ ଶିକ୍ଷଣ ସାମାଗ୍ରୀର ସଂରକ୍ଷଣ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ଶିକ୍ଷଣ ସାମଗ୍ରୀକୁ ଆଲମାରୀ ବା କୋଠରୀରେ ତାଲା ଲଗାଇ ବନ୍ଦ କରି ରଖାଯାଏ ଯାହାକି ପରେ ଯାଞ୍ଚ କରାଯାଇ ରେଜିଷ୍ଟରରେ ଉଠା ଯାଇଥାଏ। ପରିଣାମ ସ୍ୱରୂପ, ଅଧିକାଂଶ ଶିକ୍ଷକମାନେ ଭାବିଥାନ୍ତି ଏବଂ ସାମଗ୍ରୀର କୌଣସି ନଷ୍ଟ ପାଇଁ ସେମାନେ ଦାୟି। ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଏହା ମଧ୍ୟ ଦେଖା ଯାଇଛି ଯେ ଆଦୌ ଶିକ୍ଷଣ ସହାୟକ ସାମଗ୍ରୀର ଅସୁବିଧାରେ ହିଁ ବ୍ୟବହାର କରାଯାଇ ନଥାଏ ତେଣୁ ସାମଗ୍ରୀର ବ୍ୟବହାର ଯୋଜନାରେ ମଧ୍ୟ ହୋଇ ନଥାଏ। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନେ ଅଭିଯୋଗ କରନ୍ତି କି କାମର ଚାପର କାରଣରୁ ସେମାନେ ଶିକ୍ଷଣ ସାମଗ୍ରୀର ଚୟନ କରିବା ଏବଂ ଏହାର ଉପଯୋଗ କରିବା ସମ୍ଭବ ହେଉନାହିଁ ଏବଂ ଏହି ତଥ୍ୟକୁ ଲୁଚାଇଥାନ୍ତି ଯେ ଯେଉଁ ପିଲାମାନେ ଶିକ୍ଷଣ ସାମଗ୍ରୀର ରକ୍ଷଣାବେକ୍ଷଣା କରନ୍ତି ସେମାନଙ୍କ ଶିକ୍ଷଣ ପ୍ରଦର୍ଶନ ଭଲ ହୁଏ। ପରିଚାଳନା ଦୃଷ୍ଟିକୋଣରୁ ଶିକ୍ଷକ ସାମଗ୍ରୀର ସଂରକ୍ଷଣ ମହତ୍ୱପୂର୍ଣ୍ଣ ଅଟେ, କିନ୍ତୁ କ'ଣ ପିଲାମାନଙ୍କ ପାଇଁ ସକ୍ରିୟ ବ୍ୟବହାର ଅଧିକ ମହତ୍ୱପୂର୍ଣ୍ଣ। ଏହି ତଥ୍ୟଗୁଡ଼ିକୁ ମୁଣ୍ଡରେ ରଖି ଶ୍ରେଣୀ ଗୃହରେ ଉଚିତ୍ ଉପଯୋଗ ଏବଂ ସଂରକ୍ଷଣର କିଛି ଉପାୟ ନିମ୍ନରେ ଦିଆଯାଇଛି :

- ଶ୍ରେଣୀରେ ପିଲାମାନେ ସ୍ୱତନ୍ତ୍ର ଭାବେ ଉପଯୋଗ କରିବା ପାଇଁ ଶିକ୍ଷଣ ସାମଗ୍ରୀର ପର୍ଯ୍ୟାପ୍ତ ମାତ୍ରାରେ ଉପଲବ୍ଧ ହେବାଦରକାର।
- କୌଣସି ବିଶେଷ ପିରିୟଡ଼ ପାଇଁ ପାଠ ଯୋଜନା ତିଆରି କରିବା ସମୟରେ ଶିକ୍ଷଣ ସାମଗ୍ରୀର ପ୍ରଦର୍ଶନର ଉପଯୋଗର ଯୋଜନା କରନ୍ତୁ। କେଉଁଗୁଡ଼ିକ ବ୍ୟକ୍ତିଗତ କାର୍ଯ୍ୟର ଏବଂ ଦଳଗତ କାର୍ଯ୍ୟର କେଉଁଟି ପାଠ ପଢ଼ା ସମୟ ଠିକ୍ କରିବା ଦରକାର। ଏହି ପାଠ ଟୀକା ନିର୍ଘଣ୍ଟର ଯଥେଷ୍ଟ ପୂର୍ବରୁ ପ୍ରସ୍ତୁତି ହେବା ଦରକାର।
- ଯଦି ଆପଣ ସ୍ଥାନୀୟ ଉପଲବ୍ଧ ସାମଗ୍ରୀର ଉପଯୋଗ କରି ଯୋଜନା କରନ୍ତି, ତାହାଲେ କିଛି ପିଲାମାନେ ସଂଗ୍ରହ କରି ଶ୍ରେଣୀରେ ଆଣିବାକୁ କୁହାଯାଇଥାଏ।
- ପିରିୟଡ଼ ଆରମ୍ଭ ହେବା ପୂର୍ବରୁ ବିଦ୍ୟାଳୟ ଭଣ୍ଡାରରୁ ବା ଅନ୍ୟ ଉତ୍ସରୁ ସଂଗ୍ରହ କରିବା ଦରକାର।
- ଏହା ସୁନିଶ୍ଚିତ କରନ୍ତୁ ଯେ ବଛା ଯାଇଥିବା ସାମଗ୍ରୀ ପିଲାମାନଙ୍କର ବୁଝିବା ସ୍ତର ପାଇଁ ଅନୁକୂଳ ହେବ ଏବଂ ବିଷୟ ପାଇଁ ମଧ୍ୟ ଉପଯୋଗୀ ହେବ।
- ଶିକ୍ଷଣର ଉତ୍ସ ଭାବରେ କାନ୍ଥ କାର୍ଯ୍ୟ, ଚଟାଣ କାର୍ଯ୍ୟ, ଶ୍ରେଣୀ ଭିତରେ ବା ବାହରେ ସାମଗ୍ରୀ ତିଆରି କରିବା ଯଥା- ବଗିଚା, ଖେଳ ପଡ଼ିଆ ଆଦି ଦରକାର।

- ନିଜ ଶ୍ରେଣୀ କକ୍ଷରେ ପିଲାମାନଙ୍କୁ ଗୋଟିଏ ଛୋଟ ଦଳରେ ତିଆରି କରିବେ ଯାହା କି ଏକତ୍ରୀକରଣ, ସାମଗ୍ରୀ ତିଆରି କରିବା ଏବଂ ସାମଗ୍ରୀର ରକ୍ଷଣ-ବେକ୍ଷଣାର ନେତୃତ୍ୱ କରିବେ। ଏମାନଙ୍କର ଦାୟିତ୍ୱ ହେଉଛି ପିରିୟଡ଼ ଆରମ୍ଭ ହେବାପୂର୍ବରୁ ସେମାନେ ଆବଶ୍ୟକ ଶିକ୍ଷଣ ସହାୟକ ସାମଗ୍ରୀକୁ ବାଛିବାକୁ ଉପଲବ୍ଧ କରାଇବା ଏବଂ ପିରିୟଡ଼ ଶେଷ ହେବା ପରେ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା। ଏହି ଦଳ ପ୍ରତ୍ୟେକ ମାସରେ ବଦଳାଇ ଯାଇ ପାରିବ।
- ନିଜ ଶ୍ରେଣୀ କକ୍ଷରେ ଶିକ୍ଷଣ ଅଧିଗମ ସାମଗ୍ରୀର ଭଲ ଭାବେ ରକ୍ଷଣା-ବେକ୍ଷଣା ପାଇଁ ଏକ ରେକର୍ଡ଼ ରଖାଯାଏ। ଏଥିରୁ ଆପଣ କିଛି କ୍ଷେତ୍ରରେ ନଷ୍ଟ ହେବା ବା ସେଗୁଡ଼ିକର ସମାପ୍ତ ହେବା ଜଣାପଡ଼ିବ ଏବଂ ସମୟ ଥାଉ ଥାଉ ସେଗୁଡ଼ିକୁ ବଦଳାଇ ପାରିବେ।
- ମାସରେ ଥରେ ଷ୍ଟକ ରେକର୍ଡ଼ର ଯାଞ୍ଚ କରି ସଂରକ୍ଷଣ ସ୍ଥାନର ଭଲ ଭାବରେ ସାଫ୍-ସଫାଇ କରିଯିବ।

ଶିକ୍ଷଣ ସାମଗ୍ରୀର ବିସ୍ତୃତ ଏବଂ ତ୍ୱରିତ ଉପଯୋଗର କାରଣ ଏହି ଭିତ୍ତି ଉପରେ ଜୋର ଦିଆଯାଉଛି କି ଶିକ୍ଷଣ ଅଧିଗମ ସାମଗ୍ରୀ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସହଜ କରାଇବା ପାଇଁ ରଖାଯିବା ଦରକାର। ଅର୍ଥାତ୍ ଶ୍ରେଣୀରେ ରଖାଯିବା ଦରକାର। ଶିକ୍ଷଣ-କୋଣ ଧାରଣା ହିଁ ସାମଗ୍ରୀ-କୋଣର ଧାରଣା ଏଥିପାଇଁ ବିକଶିତ କରାଯାଇଅଛି ଯାହା କି ବିଦ୍ୟାଳୟଗୁଡ଼ିକରେ ଦେଖାଯିବ ଏବଂ ଭବିଷ୍ୟତରେ ସବୁ ଶ୍ରେଣୀରେ ରହିବାର ଆଶା କରାଯିବ। ଆସ ଏହି ଧାରଣାକୁ ବୁଝିବା।

### ୬.୪.୩. ଶ୍ରେଣୀ ଗୃହରେ ଶିକ୍ଷଣ ସାମଗ୍ରୀ ସଂରକ୍ଷଣ କେନ୍ଦ୍ର ଏବଂ ଏହାର ବ୍ୟବହାର

ଏକ ଶିକ୍ଷଣ ସାମଗ୍ରୀ ସଂରକ୍ଷଣ କେନ୍ଦ୍ର ଗୋଟିଏ ଏପରି ସ୍ଥାନ ଯାହା ଶ୍ରେଣୀରେ ସମସ୍ତଙ୍କ ପାଇଁ ସୁଲଭ ହୋଇଥାଏ ଏବଂ ଯେଉଁଠି ବିଭିନ୍ନ ବିଷୟଗୁଡ଼ିକର ଶିକ୍ଷଣର ଉପଯୋଗ ପାଇଁ ଶିକ୍ଷଣ ସାମଗ୍ରୀ ବ୍ୟବସ୍ଥିତ ତରିକାରେ ରଖା ଯାଇଥାଏ ଯାହାକୁ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ସହଜରେ ଉପଯୋଗ କରିପାରିବେ।

ସବୁ ସାମଗ୍ରୀ ବିଷୟ ବା ଥିମ୍ ଅନୁସାରେ ବ୍ୟବସ୍ଥିତ କରାଯାଇଥାଏ ଯାହାକି ସବୁ ବିଦ୍ୟାର୍ଥୀ ତାକୁ ସହଜରେ ଆଣି ପାରିବେ ଏବଂ ବଦଳାଇ ପାରିବେ। ଶିକ୍ଷଣ ସାମଗ୍ରୀ ବ୍ୟତୀତ ଆପଣ ସେହି ସ୍ଥାନରୁ ବିଭିନ୍ନ ପ୍ରକାରର ଅନ୍ୟ ସାମଗ୍ରୀ ଏବଂ ଉପକରଣ ମଧ୍ୟ ଷ୍ଟୋର କରିପାରିବେ, ଯେମିତିକି- କାର୍ଯ୍ୟ-ପୁସ୍ତିକା, ସ୍କେଲ, ନିକିତି, ହାତୁଡ଼ି, ଡ୍ରଇଂ ସିଟ୍, ରଙ୍ଗ, ବଲ୍, ସାଦା କାଗଜ ଇତ୍ୟାଦି। ଯେଉଁ କୋଠରୀରେ ଗୋଟିଏ ଶ୍ରେଣୀ ହୁଏ, ସେହି କୋଠରୀରେ ଶିକ୍ଷଣ ସାମଗ୍ରୀ ସଂରକ୍ଷଣ କେନ୍ଦ୍ର ତିଆରି କରାଯାଇପାରିବ। କିନ୍ତୁ ଯେଉଁ କୋଠରୀରେ ଗୋଟିଏରୁ ଅଧିକ ଶ୍ରେଣୀ କରାଯାଏ, ସେଠାରେ ଆପଣଙ୍କୁ ସାମଗ୍ରୀ ସ୍ଥାନ ବିଷୟରେ ନିର୍ଣ୍ଣୟ କରିବାକୁ ପଡ଼ିବ ଯଦି ଉପଯୁକ୍ତ ସ୍ଥାନ ଉପଲବ୍ଧ ହୁଏ, ତେବେ ଶ୍ରେଣୀ ହିସାବରେ ଶିକ୍ଷଣ ସାମଗ୍ରୀ ସଂରକ୍ଷଣ ସ୍ଥାନ ତିଆରି କରା ଯାଇପାରିବ। ଅନ୍ୟଥା, ସବୁ ଶ୍ରେଣୀ ପାଇଁ ଗୋଟିଏ କୋଠରୀରେ ଆବଶ୍ୟକ ସାମଗ୍ରୀ ସହିତ ଗୋଟିଏ ଅଧିଗମ ସାମଗ୍ରୀ କୋଠରୀ ତିଆରି କରାଯାଇପାରିବ। ଏହି ପରିସ୍ଥିତିରେ, ବିନା ସନ୍ଦେହରେ ଶିକ୍ଷଣ ସାମଗ୍ରୀର ବ୍ୟବସ୍ଥା ବିଷୟ ହିସାବରେ ଏବଂ ଶ୍ରେଣୀ ହିସାବରେ କରାଯାଇପାରିବ।

ଟିପ୍ପଣୀ

**କାର୍ଯ୍ୟକଳାପ-୬**

ସାମଗ୍ରୀର ଗୋଟିଏ ସୂଚୀ ତିଆରି କରନ୍ତୁ ଯାହାକୁ ଆପଣ ଆପଣଙ୍କର ଶ୍ରେଣୀରେ ଶିକ୍ଷଣ ସାମଗ୍ରୀ ସଂରକ୍ଷଣ କେନ୍ଦ୍ରରେ ଜମା କରିବେ ଏବଂ ତାହାର ପ୍ରଦର୍ଶନ କରିବା ପସନ୍ଦ କରିବେ।

___

___

___

## ୬.୫ ଶିକ୍ଷଣ ସାମଗ୍ରୀ ରୂପରେ ପାଠ୍ୟ ପୁସ୍ତକ

ପାଠ୍ୟ ପୁସ୍ତକ ସର୍ବଦା ବିଦ୍ୟାଳୟ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ଗ୍ରହଣ କରାଯାଇଥାଏ। ଏକ ଶିକ୍ଷକ ଯଦିଓ ପାଠ୍ୟକ୍ରମକୁ ଦେଖି ନଥାଏ କିନ୍ତୁ ପାଠ୍ୟ ପୁସ୍ତକ ବିନା ସେ ପଢ଼ାଇ ପାରନ୍ତି ନାହିଁ। ଗୋଟିଏ ପାଠ୍ୟ ପୁସ୍ତକର ପ୍ରସ୍ତୁତି ବିଷୟ ବିଶେଷଜ୍ଞ ଏବଂ ଅନୁଭବୀ ଶିକ୍ଷକ ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସାରେ କୌଣସି ଗୋଟିଏ ଶ୍ରେଣୀ ପାଇଁ କରିଥାନ୍ତି। ପାଠ୍ୟ ପୁସ୍ତକରେ ବିଷୟବସ୍ତୁ ଏବଂ ପ୍ରସଙ୍ଗ ସମ୍ବନ୍ଧିତ ଧାରଣାଗୁଡ଼ିକୁ ଏକ ନିଶ୍ଚିତ କ୍ରମ ଅନୁସାରେ ବିଶେଷଜ୍ଞ ଦଳଙ୍କ ଦ୍ୱାରା ବ୍ୟବସ୍ଥିତ କରାଯାଇଥାଏ। ସେଥିପାଇଁ, ପାଠ୍ୟପୁସ୍ତକକୁ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଏବଂ ହିତାଧାରୀଙ୍କ ଦ୍ୱାରା ବିଭିନ୍ନ ବିଷୟରେ ବିଦ୍ୟାଳୟ ପାଠ୍ୟକ୍ରମରେ ସମଗ୍ର ଅନୁଭବ ରୂପରେ ଦେଖାଯାଏ। କାରଣ ପାଠ୍ୟପୁସ୍ତକ ଶିକ୍ଷାଦାନ ଓ ଶିକ୍ଷଣରେ ସହାୟକ ହୋଇଥାଏ। ଯାହା ସବୁଠାରୁ ଉପଯୁକ୍ତ ଶିକ୍ଷଣ ସାମଗ୍ରୀ ଭାବେ ବୁଝାଯାଏ। ପାଠ୍ୟ ପୁସ୍ତକର ଉପଯୋଗ ଅଧ୍ୟାପନା ଏବଂ ଶିକ୍ଷଣରେ କିପରି କରିବ ?

ଶିକ୍ଷକ ହିସାବରେ ଆମେ ପ୍ରାୟତଃ ପାଠ୍ୟ ପୁସ୍ତକର ବିଷୟବସ୍ତୁ ଏବଂ କ୍ରମାନୁସାରେ ପ୍ରସଙ୍ଗଗୁଡ଼ିକୁ ଶେଷ କର ଏବଂ ପାଠ୍ୟ ପୁସ୍ତକର ଶେଷରେ ଦିଆ ଯାଇଥିବା ଅଭ୍ୟାସକୁ ପୁରା କରିବା ପାଇଁ କହୁ। ଛାତ୍ରଛାତ୍ରୀମାନଙ୍କର ଉପଲବ୍ଧିର ମୂଲ୍ୟାୟନ ପାଠ୍ୟ ପୁସ୍ତକର ବିଷୟବସ୍ତୁ ଉପରେ ଆଧାର କରି ନିର୍ମିତ ପରୀକ୍ଷଣ ପତ୍ର ଦ୍ୱାରା କରାଯାଇଥାଏ। ଏହା କହିବା ଭୁଲ ହେବ ନାହିଁ ଯେ ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକଳାପ ପୂର୍ଣ୍ଣରୂପରେ ନିର୍ଦ୍ଧାରିତ ପାଠ୍ୟ ପୁସ୍ତକ ବିଷୟବସ୍ତୁ ଉପରେ ଆଧାରିତ ହୋଇଥାଏ। ପାଠ୍ୟ ପୁସ୍ତକ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟରେ ସାହାଯ୍ୟ କରୁଥିବାରୁ ଏହାକୁ ଏକ ଉପଯୁକ୍ତ ସାମଗ୍ରୀ ରୂପରେ ଗ୍ରହଣ କରା ଯାଇଥାଏ।

E-୬ ଶ୍ରେଣୀ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ପାଠ୍ୟ ପୁସ୍ତକର ଯେ କୌଣସି ଚାରୋଟି ବ୍ୟବହାର ଲେଖନ୍ତୁ

## ୬.୫.୧. ଶିକ୍ଷଣ ପାଇଁ ପାଠ୍ୟ ପୁସ୍ତକ

କେତେକ କାରଣ ଯୋଗୁଁ ବିଦ୍ୟାଳୟରେ ଶିକ୍ଷଣ ଅଧିଗମ ପାଇଁ ପାଠ୍ୟ-ପୁସ୍ତକକୁ ମୁଖ୍ୟ ଉତ୍ସ ଭାବେ ବ୍ୟବହାର କରାଯାଉଛି ଏବଂ ଅଧିକାଂଶ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଶିଖିବାର ଏହା ଏକମାତ୍ର ସାଧନ ଅଟେ। ଆମେ ପାଠ୍ୟ ପୁସ୍ତକକୁ କିପରି ଏକ ପ୍ରଭାବଶାଳୀ ସାମଗ୍ରୀ ରୂପରେ ବ୍ୟବହାର କରି ପାରିବା ? ନିମ୍ନଲିଖିତ ପରିସ୍ଥିତିରେ ଶ୍ରେଣୀରେ ପାଠ୍ୟ ପୁସ୍ତକର ବ୍ୟବହାରର ଦୁଇଟି ଉଦାହରଣକୁ ଧ୍ୟାନ ପୂର୍ବକ ପଢ଼ନ୍ତୁ।

**ପରିସ୍ଥିତି -୩**

ଶ୍ରୀ ପ୍ରଭୀଣ ପଞ୍ଚମ ଶ୍ରେଣୀର ଭାଷା ପଢ଼ାଉ ଥିଲେ। ସେ ଏକ ନିର୍ଦ୍ଦିଷ୍ଟ କ୍ରମରେ ପଢ଼ାଉ ଥିଲେ ଯଥା-ଅନୁଚ୍ଛେଦକୁ ଉଚ୍ଚ ସ୍ୱରରେ ପଢୁଥିଲେ, ତା'ପରେ ଯେ କୌଣସି ଛାତ୍ରଛାତ୍ରୀକୁ ଅନୁଚ୍ଛେଦକୁ ଉଚ୍ଚ ସ୍ୱରରେ ପଢ଼ିବାକୁ କହୁଥିଲେ, କଠିନ ଶବ୍ଦଗୁଡ଼ିକର ଅର୍ଥ ବାକ୍ୟ ଦ୍ୱାରା କିମ୍ବା କିଛି ପ୍ରଶ୍ନ ମାଧ୍ୟମରେ କହୁଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ମୂଲ୍ୟାୟନ କରିବା ପାଇଁ ସେମାନଙ୍କୁ ଲେଖିବାକୁ କହି ପ୍ରଶ୍ନ ପଚାରୁଥିଲେ ଏବଂ ଶେଷରେ ଦତ୍ତ କାର୍ଯ୍ୟ ମଧ୍ୟ ଦେଉଥିଲେ।

- ମିସ୍ ଶକୀଲା ଅନ୍ୟ ପଟେ ଚତୁର୍ଥ ଶ୍ରେଣୀରେ ଭଗ୍ନାଂଶର ପରିଚୟ ପିଲାମାନଙ୍କୁ କରାଉଥିଲେ। ସେ ଗଣିତ ପାଠ୍ୟ ପୁସ୍ତକରେ ଦିଆଯାଇ ଥିବା ଭଗ୍ନାଂଶର ଲବ ଏବଂ ହର, ପ୍ରକୃତ ଭଗ୍ନାଂଶ ଏବଂ ଅପ୍ରକୃତ ଭଗ୍ନାଂଶ ତଥା ଭଗ୍ନାଂଶର ମିଶାଣ ଓ ଫେଡ଼ାଣ ଆଲୋକପାତ କରୁଥିଲେ।
- ଉଭୟ ଶ୍ରୀ ପବୀର ଏବଂ ମିସ୍ ଶକୀଲା ଦୁଇ ଜଣ କାର୍ଯ୍ୟକଳାପ ଆଧାରିତ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ଉପରେ ଶିକ୍ଷଣ କାର୍ଯ୍ୟ ଆଧାରିତ ପନ୍ଥା ଉପରେ ସେବା କାଳୀକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ଆସିବା ପରେ ସେମାନେ ନିଜର ଶିକ୍ଷାଦାନ ପ୍ରକ୍ରିୟାକୁ ଏହି ପ୍ରକାରରେ ବଦଳାଇ ଦେଲେ।
- ପ୍ରବୀର ଏବେ ପଞ୍ଚମ ଶ୍ରେଣୀର ଭାଷା ବିଷୟର ସେହି ଅନୁଚ୍ଛେଦକୁ ପଢ଼ାଇବା ସମୟରେ ବହୁତ ଶିକ୍ଷଣକାର୍ଯ୍ୟ ଉପଯୋଗ କରିବା ଦେଖା ଗଲା। ଛାତ୍ରଛାତ୍ରୀମାନଙ୍କୁ ସେ ଅନୁଚ୍ଛେଦକୁ ପଢ଼ିବାକୁ କହିଲେ ଏବଂ ତା'ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କେତେକ ଶିକ୍ଷଣ କାର୍ଯ୍ୟ କରାଇଲେ ଯଥା:-
  - ଅନୁଚ୍ଛେଦ ଉପରେ ପ୍ରଶ୍ନ ତିଆରି କରିବା
  - ଅନୁଚ୍ଛେଦରେ ଥିବା କିଛି ଶବ୍ଦ ବ୍ୟବହାର କରି ଏକ ଛୋଟ ଅନୁଚ୍ଛେଦ ଲେଖିବା।
  - ଅନୁଚ୍ଛେଦରେ ବ୍ୟବହୃତ ବଛା ବଛା କଷ୍ଟ ଶବ୍ଦର ସମାନ ଅର୍ଥ ଏବଂ ବିପରୀତ ଅର୍ଥ ଶବ୍ଦ କହିବା।

ଟିପ୍ପଣୀ

- ଅନୁଚ୍ଛେଦର ଥିବା ବିଷୟବସ୍ତୁ (ମୁଖ୍ୟ ଧାରଣା)କୁ ବ୍ୟବହାର କରି ଚାରୋଟି ଛାତ୍ରଛାତ୍ରୀମାନଙ୍କୁ ଦଳଗତ ଭାବେ ନୂଆ କାହାଣୀ ଲେଖିବା।
- ଅନୁଚ୍ଛେଦର ଅର୍ଥ ବିଷୟରେ ବିଚାର ବିମର୍ଶ/ତର୍କ କରିବା (ଦଳଗତ ଭାବେ) ଏବଂ ଏହାର ବାସ୍ତବିକ ଜୀବନର ଅନୁଭୂତି ସହିତ ଯୋଡ଼ିବା।
- ଯଦି ଏହା ଏକ କାହାଣୀ ହୋଇଥାଏ ତେବେ ଅନୁଚ୍ଛେଦ ଉପରେ ସଂଳାପ/ କଥୋପକଥନ ଲେଖିବା।
- ଅନୁଚ୍ଛେଦର କାହାଣୀ ଉପରେ ଆଧାରିତ ହାସ୍ୟରସାତ୍ମକ ଚିତ୍ର ନିଜ ହାତରେ ଅଙ୍କନ କରିବା।

❍ ଅନ୍ୟ ପକ୍ଷରେ ମିସ୍ ଶକୀଲା ପାଠ୍ୟ ପୁସ୍ତକକୁ ସିଧା ପିଲାମାନଙ୍କ ସହିତ ପରିଚିତ କରାଇବା ପୂର୍ବରୁ ସେମାନଙ୍କୁ ପାଠ୍ୟ ପୁସ୍ତକରେ ଦିଆ ଯାଇଥିବା ଉଦାହରଣ ଓ ପ୍ରସ୍ତୁତିକରଣର ବିଶ୍ଳେଷଣ କଲେ। ସେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବହୁତ ସାମଗ୍ରୀ ଏକତ୍ରୀତ କଲେ। ଯଥା- ଫଳ, କ୍ଲେ, ମଞ୍ଜି, ଗୋଡ଼ି, ଘଡ଼ି ଇତ୍ୟାଦି। ସେ ଏହି ସାମଗ୍ରୀଗୁଡ଼ିକୁ ବ୍ୟବହାର କରି ଅନେକ ଶିକ୍ଷଣ କାର୍ଯ୍ୟ କରାଇଲେ ଏବଂ ପିଲାମାନଙ୍କୁ ସାଙ୍ଗେ ସାଙ୍ଗେ ପ୍ରଶ୍ନ ପଚାରିଲେ-

- ଗୋଟିଏ ବସ୍ତୁକୁ ଦୁଇଟି ବା ଅଧିକ ଭାଗ/ଅଂଶରେ ବାଣ୍ଟିବା ।
- କେତେକ ବସ୍ତୁ, ଆକୃତି ଓ ଚିତ୍ରର ଅର୍ଦ୍ଧ ଭାଗକୁ ଯୋଡ଼ି କରି ପୂର୍ଣ୍ଣ ବସ୍ତୁ ଆକୃତି ଏବଂ ଚିତ୍ର କରିବା ପାଇଁ କହିବା।
- କୌଣସି ବସ୍ତୁକୁ ୧/୨, ୧/୩, ୧/୫ ରୂପରେ ବିଭାଜିତ କରିବା ।
- କୌଣସି ବସ୍ତୁକୁ ୨/୩, ୩/୪ ରୂପରେ ସମାନ ସମାନ ଭାଗରେ ବିଭକ୍ତ କରିବା।
- ବସ୍ତୁଗୁଡ଼ିକୁ ସଂଗ୍ରହ (ଯଥା-ମାରବଲ, ଗୋଡ଼ି ଆଦି) କରି ସମାନ ସମାନ ଭାଗରେ ବିଭାଜିତ କରିବା ଏବଂ ସମାନ ସମାନ ଭାଗକୁ ପ୍ରକୃତ ଓ ଅପ୍ରକୃତ ଭଗ୍ନାଂଶରେ ପ୍ରଦର୍ଶିତ କରିବା।
- ପାଠ୍ୟ ପୁସ୍ତକରେ ଦିଆ ଯାଇଥିବା ଉଦାହରଣ ଅନୁସାରେ ଚିତ୍ରାଙ୍କନ କରି କେତେକ ଅଂଶକୁ ନିରୂପିତ କରିବା।
- ପ୍ରକୃତ ଓ ଅପ୍ରକୃତ ଭଗ୍ନାଂଶ ସମ୍ବନ୍ଧିତ ଉଦାହରଣର ତାଲିକା ତିଆରି କରିବା ଏକ ନିର୍ଦ୍ଧାରିତ ସମୟ ସୀମା ଭିତରେ (୫ ମିନିଟ୍ ଭିତରେ)
- ଭଗ୍ନାଂଶ ଉପରେ ଆଧାରିତ ପ୍ରଶ୍ନ ତିଆରି କରିବା (ପାଠ୍ୟ ପୁସ୍ତକରେ ଦିଆ ଯାଇଥିବା ଉଦାହରଣଠାରୁ ଅଲଗା)

ଉପରୋକ୍ତ ଉଦାହରଣରୁ ଆପଣ ଅନୁଭବ କରିପାରିବେ ଯେ ପାଠ୍ୟ ପୁସ୍ତକ ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟର ଏକ ଉତ୍ତମ ଉତ୍ସ ଭାବେ ବ୍ୟବହୃତ ହୋଇପାରିବ ନିମ୍ନଲିଖିତ ବିଶେଷତ୍ୱ ଦୃଷ୍ଟିରୁ।

ଟିପ୍ପଣୀ

- ରାଷ୍ଟ୍ରିୟ ପାଠ୍ୟକ୍ରମ ଆଧାର ୨୦୦୫ର ସୁପାରିଶ ଅନୁସାରେ ପାଠ୍ୟକ୍ରମର ନିର୍ମାଣ, ଶ୍ରେଣୀ ଭିତରେ ଏବଂ ବାହାରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ପାଇଁ କାର୍ଯ୍ୟକ୍ରମକୁ ସମାବେଶ କରାଯାଇଛି। ଏହା ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଯଥେଷ୍ଟ ଶିକ୍ଷଣ କାର୍ଯ୍ୟ କରିବାର ସୁଯୋଗ ଦେଇଛି।

ପ୍ରସଙ୍ଗ ଆଧାରିତ ଧାରଣାଗୁଡ଼ିକ ବ୍ୟାପକ ଭାବେ ପାଠ୍ୟ ପୁସ୍ତକରେ ସଂଗଠିତ ହୋଇଛି ଯାହାକି ପାଠ ପରିଚାଳନା ପାଇଁ ଯଥେଷ୍ଟ ଧାରଣା ଦେବ। ଜଣେ କମ୍ କଳ୍ପନାପ୍ରିୟ ଶିକ୍ଷକ ହୁଏତ ପାଠ୍ୟ ପୁସ୍ତକରେ ଦିଆଯାଇଥିବା ଉଦାହରଣକୁ ଅନୁସରଣ କରି ଶ୍ରେଣୀରେ ଶିକ୍ଷଣ କାର୍ଯ୍ୟ କରନ୍ତି କିନ୍ତୁ ଜଣେ ଅଧିକ କଳ୍ପନାପ୍ରିୟ ଶିକ୍ଷକ ପାଠ୍ୟ ପୁସ୍ତକର ଉଦାହରଣର ପ୍ରେରଣା ପାଇଁ କେତେକ ବୈକଳ୍ପିକ ଶିକ୍ଷଣ କାର୍ଯ୍ୟ ଗଠନ କରିଥାନ୍ତି ଏବଂ ଯାହାଦ୍ୱାରା ବିଷୟବସ୍ତୁର ଧାରଣାଗୁଡ଼ିକର ରୁଚିପୂର୍ବକ ଓ ଅର୍ଥପୂର୍ଣ୍ଣ ଢଙ୍ଗରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ପାରନ୍ତି।

- ଧାରଣାଗୁଡ଼ିକୁ କେତେ ପ୍ରକାର ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ଯେମିତିକି ଗୀତ, ଗପ, ଗୋଲକଧନ୍ଦା ଏବଂ ଆଲୋଚନା ଜରିଆରେ ଉପସ୍ଥାପନ କରାଯାଇପାରେ। ଯାହା ପିଲାମାନେ ଶିଖିବାର ଆଗ୍ରହ ସୃଷ୍ଟି କରିଥାଏ। ପାଠ୍ୟ ପୁସ୍ତକରେ ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ଆଧାର ଉପରେ ନିଜର ପରିବେଶ, ପରିବେଶରେ ଉପଲବ୍ଧ ସାମଗ୍ରୀଗୁଡ଼ିକର ବ୍ୟବହାର କରି ଶିକ୍ଷଣ କାର୍ଯ୍ୟକ୍ରମ କମ୍ ଖର୍ଚ୍ଚରେ ଚେଷ୍ଟା ଦ୍ୱାରା ତିଆରି କରାଯାଇଥାଏ।
- ପଢ଼ା ଯାଇଥିବା ଧାରଣାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଭ୍ୟାସ କାର୍ଯ୍ୟ ଦିଆଯାଏ। ଏହି ଅଭ୍ୟାସ କାର୍ଯ୍ୟ ନୂଆ କାର୍ଯ୍ୟ ପାଇଁ ଅଭିନବ ଧାରଣା ଉପଲବ୍ଧ କରିଥାଏ। ଏଇ ସନ୍ଦର୍ଭରେ ପାଠ୍ୟ ପୁସ୍ତକ ଏକ ଉତ୍କୃଷ୍ଟ ଶିକ୍ଷଣ ସାମଗ୍ରୀ ଅଟେ।
- ନୂଆ ପାଠ୍ୟ ପୁସ୍ତକର କେବଳ ସାଧାରଣ ତଥ୍ୟ ଉପରେ ଆଧାରିତ ନହୋଇ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଲୋଚନା କରିବାକୁ ଅବସର ପ୍ରଦାନ କରିଛି। ଉଦାହରଣ ସ୍ୱରୂପ- ଧାରଣାଗୁଡ଼ିକ ଏବଂ ଶିକ୍ଷଣ କାର୍ଯ୍ୟ ସମସ୍ୟାଗୁଡ଼ିକୁ ବୁଝିବା ଓ ଅଭ୍ୟାସ କରିବା ପାଇଁ ସ୍ଥାନ ଦିଆଯାଇଥାଏ, ଯାହାଦ୍ୱାରା ପିଲାମାନଙ୍କର ଚିନ୍ତନାତ୍ମକ ଭାବନାର ବିକାଶ ହୁଏ ଏବଂ ଛୋଟ ଦଳରେ କାର୍ଯ୍ୟ କରିବା ପାଇଁ ପ୍ରେରିତ ହୁଅନ୍ତି।
- ଶିକ୍ଷାଦାନ ଶେଷରେ ପାଠ୍ୟ ପୁସ୍ତକରେ ଦିଆ ଯାଇଥିବା ଅନୁଶୀଳନୀ ଓ ଶିକ୍ଷଣ କାର୍ଯ୍ୟଗୁଡ଼ିକର ଉପଯୋଗ କରି ଛାତ୍ରଛାତ୍ରୀମାନଙ୍କର ଅର୍ଜିତ ଜ୍ଞାନର ମୂଲ୍ୟାଙ୍କନ କରାଯାଇଥାଏ। ଏହି କାର୍ଯ୍ୟଗୁଡ଼ିକ ଆପଣଙ୍କୁ କେତେ ପ୍ରକାରର ପ୍ରଶ୍ନ ତିଆରି କରିବାର ସହାୟକ ହେବ ଯାହାର ଉପଯୋଗ ଆପଣ ଏକକ ପରୀକ୍ଷଣ ଏବଂ ଅନ୍ୟ ମୂଲ୍ୟାଙ୍କନ ପରିସ୍ଥିତିରେ କରିପାରିବେ।

**କାର୍ଯ୍ୟକଳାପ - ୬**

ଯେଉଁ ପାଠ୍ୟ ପୁସ୍ତକର ବ୍ୟବହାର ଆପଣ କରୁଛନ୍ତି, ତାହାର ଯେ କୌଣସି ବିଷୟବସ୍ତୁ ଚୟନ କରି ତାକୁ ଶ୍ରେଣୀରେ ପଢ଼ାଇବା ପାଇଁ ଯେଉଁ ଶିକ୍ଷଣ କାର୍ଯ୍ୟ ଓ ସାମଗ୍ରୀର

ଟିପ୍ପଣୀ

ଉପଯୋଗ କରିବେ ତାହାର ଗୋଟିଏ ତାଲିକା ତିଆରି କରନ୍ତୁ।

________________________________

________________________________

________________________________

________________________________

ପାଠ୍ୟ ପୁସ୍ତକରୁ ଶିଖିବାର ପ୍ରକ୍ରିୟା ସୁଦୃଢ଼ କରିବା ପାଇଁ ସର୍ବ ଶିକ୍ଷା ଅଭିଯାନ ଦ୍ୱାରା ଅତିରିକ୍ତ ଶିକ୍ଷଣ ସହାୟକ ସାମଗ୍ରୀ ଉପଲବ୍ଧ କରାଯାଇଥାଏ। ପାଠ୍ୟ ପୁସ୍ତକର ଉପଯୋଗ, ଶ୍ରେଣୀ କକ୍ଷର ଶିକ୍ଷଣ କାର୍ଯ୍ୟ କିପରି କରିବା ଏହା ଶିକ୍ଷକ ମାର୍ଗ ଦର୍ଶକାରେ ଲେଖା ଯାଇଛି।

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଅନୁଯାୟୀ, ଯେ କୌଣସି ପାଠ୍ୟ ପୁସ୍ତକ କେବଳ ଜ୍ଞାନ ପ୍ରଦାନ ପାଇଁ ଉପଯୋଗ ନକରି ଏକ ପାଠ୍ୟ ପୁସ୍ତକ, ଧାରଣା, ବସ୍ତୁ, ପରିବେଶମାନଙ୍କ ଓ ଲୋକ ମାଧ୍ୟମରେ ଜ୍ଞାନ ନିର୍ମାଣ କରିଥାଏ।

### ୬.୫.୨. ପାଠ୍ୟ ପୁସ୍ତକ ବ୍ୟତୀତ ଶିକ୍ଷଣ/ ପାଠ୍ୟ ପୁସ୍ତକ ବାହାରେ ଶିକ୍ଷଣ

ପାଠ୍ୟ ପୁସ୍ତକ ଉପରେ ଅତ୍ୟଧିକ ନିର୍ଭରତା, ଏହି ବିଶ୍ୱାସ ସୃଷ୍ଟି କରୁଛି ଯେ ପାଠ୍ୟ ପୁସ୍ତକରେ ସବୁ କିଛି ଅଛି ଯାହା ଶିକ୍ଷକଙ୍କୁ ପଢ଼ାଇବା ସମୟରେ ଆବଶ୍ୟକତା ପଡ଼ିଥାଏ ଏବଂ ଛାତ୍ରଛାତ୍ରୀମାନେ ଶିଖିବା ପାଇଁ ଆବଶ୍ୟକ କରିଥାନ୍ତି। ଏହାର ଫଳ ସ୍ୱରୂପ ଶିକ୍ଷକ ପାଠ୍ୟ ପୁସ୍ତକକୁ ଶବ୍ଦକୁ ଶବ୍ଦ ପଢ଼ାଇ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ପ୍ରୟାସ କରୁଥାନ୍ତି ଏବଂ ଛାତ୍ରଛାତ୍ରୀ ପ୍ରତ୍ୟେକ ପଂକ୍ତିକୁ କଣ୍ଠସ୍ଥ କରି ପରୀକ୍ଷାରେ ପ୍ରାୟତଃ ଲେଖିଥାନ୍ତି। ଏହି ପ୍ରକାର ପାଠ୍ୟ ପୁସ୍ତକକୁ କଣ୍ଠସ୍ଥ କରି ଶିଖିବା ପ୍ରବୃତ୍ତିକୁ ବୃଦ୍ଧି କରାଇଥାଏ।

ଆମକୁ ଏହା ମାନିବାକୁ ହେବ ଯେ ଯଦିଓ ପାଠ୍ୟ ପୁସ୍ତକ ଶିକ୍ଷଣ ପାଇଁ ମୁଖ୍ୟ ସାମଗ୍ରୀ ଅଟେ କିନ୍ତୁ ଏହା ଏକ ମାତ୍ର ଶିକ୍ଷଣ ସାମଗ୍ରୀ ନୁହେଁ ବା ଏହା ଶିକ୍ଷାର୍ଥୀର ସମସ୍ତ ଅପ୍ରତ୍ୟାଶିତ ଫଳାଫଳ ପ୍ରାପ୍ତ କରିବାର ସହାୟକ ହୋଇଥାଏ। ପାଠ୍ୟକ୍ରମରେ ସମସ୍ତ ଶୈକ୍ଷିକ ଦିଗ ପାଠ୍ୟ ପୁସ୍ତକ ସୀମିତ ସ୍ଥାନରେ ଦିଆ ଯାଇ ନଥାଏ।

ଏହା ବ୍ୟତୀତ ବାସ୍ତବ ଜୀବନ ବା ପରିଚିତ ପରିସ୍ଥିତିଗୁଡ଼ିକରେ ଅର୍ଜିତ ଜ୍ଞାନ ପ୍ରାସଙ୍ଗିକ, ସଂଦର୍ଭିତ ଏବଂ ଅର୍ଥପୂର୍ଣ୍ଣ ହୋଇଥାଏ । ନିରନ୍ତର ଏବଂ ପ୍ରୟୋଜନପୂର୍ଣ୍ଣ ଢଙ୍ଗରେ ବାସ୍ତବିକ ଜୀବନର ପରିସ୍ଥିତିଗୁଡ଼ିକରେ ବିଶିଷ୍ଟ ଯୋଗ୍ୟତାଗୁଡ଼ିକର ଅର୍ଜନ କରିବା ପାଇଁ ପ୍ରୟାସରତ ରହିବା ଦ୍ୱାରା ପିଲାମାନଙ୍କର ପରିଚିତ ପରିବେଶରେ ନୂଆ ଜ୍ଞାନର ସନ୍ଧାନ କରିବାର ପ୍ରକୃତି ବିକଶିତ ହୋଇଥାଏ। ଆସନ୍ତୁ ଯେକୌଣସି ଗୋଟିଏ ଦକ୍ଷତା ଉପରେ ବିଚାର କରିବା ଯାହାର ବିକାଶ ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ପାଠ୍ୟ ପୁସ୍ତକ ମାଧ୍ୟମରେ କରନ୍ତି। ଉଦାହରଣ ସ୍ୱରୂପ- "ଚତୁର୍ଥ

ଶ୍ରେଣୀର ପିଲାମାନେ ପଢ଼ି କରି ଅର୍ଥ ଗ୍ରହଣ କରିବାର ଦକ୍ଷତା ବିକାଶ କରିବା" ପାଇଁ ଆମକୁ ବାସ୍ତବରେ ବିଦ୍ୟାଳୟରେ କ'ଣ କରିବା ଦରକାର ?

କାରଣ ଏହା ଏକ ଭାଷାଗତ ଦକ୍ଷତା ହୋଇଥିବାରୁ ଆମକୁ ଭାଷା ପୁସ୍ତକ ମାଧ୍ୟମରେ ନିମ୍ନଲିଖିତ ସୋପାନଗୁଡ଼ିକୁ ଅନୁସରଣ କରି ସେହି ଯୋଗ୍ୟତାର ବିକାଶ କରିବାର ପ୍ରୟାସ କରିଥାଉ।

- ଛାତ୍ରଛାତ୍ରୀମାନେ ଅନୁଚ୍ଛେଦକୁ ଉଚ୍ଚ ସ୍ୱରରେ/ନୀରବରେ ପଢ଼ିବାକୁ କହିବା।
- କଠିନ, ଶବ୍ଦ, ବାକ୍ୟାଂଶ ବା ବାକ୍ୟର ଅର୍ଥ ସ୍ପଷ୍ଟ କରିବା।
- ଅନୁଚ୍ଛେଦର ଅର୍ଥକୁ ପିଲାମାନେ କେତେ ମାତ୍ରାରେ ଗ୍ରହଣ କରିଛନ୍ତି ତାହା ଜାଣିବା ପାଇଁ ଅନୁଚ୍ଛେଦ ସମ୍ବନ୍ଧିତ ପ୍ରଶ୍ନ ଛାତ୍ରଛାତ୍ରୀମାନଙ୍କୁ ପଚରା ଯିବ। ପରୀକ୍ଷାରେ ନିର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକର ବିଷୟବସ୍ତୁରୁ ବୋଧ ପରିମାପକ ପ୍ରଶ୍ନ ପଚାରିଥାଉ। ଆପଣଙ୍କ ଅନୁଭୂତି ହୋଇଥିବ ଯେ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନେ ଅପରିଚିତ ଲେଖା ବୁଝି ପାରୁ ନାହାନ୍ତି।

ଅନ୍ୟ ପକ୍ଷରେ ଗୋଟିଏ ପିଲା ଯେ କି ବିଭିନ୍ନ ପ୍ରକାର କାହାଣୀ, କବିତା, ମଜାଗଳ୍ପ, କାହାଣୀ କାର୍ଡ଼, ଖବରକାଗଜ, ପତ୍ରିକା, ଲେଖାପଢ଼ା କରୁଥାଏ। ସେ ସମ୍ଭବତଃ ପଢ଼ିବା ବା ବୁଝିବାର ଯୋଗ୍ୟତାରେ ବିକାଶ ଅଧିକ କରିଥାଏ ଏବଂ ପରୀକ୍ଷାରେ ତା'ର ପ୍ରଦର୍ଶନ ଭଲ ହୋଇଥାଏ। ଏହା ବ୍ୟତୀତ ଗଣିତ ଓ ପରିବେଶ ଶିକ୍ଷାର ବିଷୟବସ୍ତୁକୁ ବୁଝିବା ପାଇଁ ପଠନ ଆବଶ୍ୟକ ହୋଇଥାଏ। ଯଦି ଆମେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପଠନବୋଧର ବିକାଶ କରିବା ପାଇଁ ଯୋଜନା କରିବା ତାହେଲେ ଆମକୁ ଛପା ଯାଇଥିବା ସାମଗ୍ରୀ/ସମସ୍ୟା (ଯାହାକି ଯେ କୌଣସି ଶ୍ରେଣୀ ବା ପରିସ୍ଥିତି ସହିତ ସମ୍ବନ୍ଧିତ ହୋଇଥିବ)ର ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ଅଛି। ଯେଉଁ ଛାତ୍ରଛାତ୍ରୀମାନେ ବଜାରରେ କ୍ରୟ ବିକ୍ରୟ କରିବାର ଅନୁଭୂତି ଥାଏ ସେ ଟଙ୍କା ପଇସାର ଦେବାନେବା, ଲାଭ-କ୍ଷତିର ସମ୍ବନ୍ଧିତ ସମସ୍ୟାକୁ ଭଲ ଭାବରେ ସମାଧାନ କରିପାରିବ। ଛାତ୍ରଛାତ୍ରୀମାନଙ୍କର ଜଣାଶୁଣା ପରିବେଶରେ ସମସ୍ତ ଉପାଦାନକୁ ଶିକ୍ଷଣର ଉତ୍ସ ରୂପେ ଗ୍ରହଣ କରିବା। ପାଠ୍ୟ ପୁସ୍ତକ ବିନା ପରିବେଶ ଆଧାରରେ ଶିକ୍ଷଣ ପ୍ରକ୍ରିୟା କରିବାକୁ ଚେଷ୍ଟା କରିବା। ଯଦି ଆମେ ଏହି ପ୍ରକାରର ଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଶିଖିବା ତେବେ ପ୍ରଭାବକାରୀ ଢ଼ଙ୍ଗରେ ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଉତ୍ସରୁ ଜ୍ଞାନ ଅର୍ଜନ କରିବାର ଅଭ୍ୟାସ ହେବ। ଆସନ୍ତୁ କିଛି ଏମିତି ଉତ୍ସଗୁଡ଼ିକ ବିଷୟରେ ଜାଣିବା, ଯାହା ପିଲାମାନଙ୍କର ପାଠ୍ୟ ପୁସ୍ତକ ବ୍ୟତୀତ ଶିଖିପାରିବେ।

- **ପୁସ୍ତକାଗାର** :- ଗୋଟିଏ ଭଲ ପୁସ୍ତକାଗାରରେ ବିଭିନ୍ନ ବିଷୟ ସମ୍ବନ୍ଧିତ ବହୁତ ପଠନ ସାମଗ୍ରୀ ଉପଲବ୍ଧ ହୋଇଥାଏ, ଯାହାର ବ୍ୟବହାର ସହାୟକ ଶିକ୍ଷଣ ସାମଗ୍ରୀ ରୂପରେ ଉପଯୋଗ କରାଯାଇପାରେ। ଆପଣଙ୍କୁ ଆପଣଙ୍କ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକାଗାରରୁ ପୁସ୍ତକ ଆଣିବା ପାଇଁ ଯୋଜନା କରିବା ଆବଶ୍ୟକ ହୋଇଥାଏ। ଛୁଟିଦିନଗୁଡ଼ିକରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକାଗାରରେ ପୁସ୍ତକ ଉପଲବ୍ଧି କରାଯାଇଥାଏ। ଏଥିରେ ଛାତ୍ରଛାତ୍ରୀମାନଙ୍କର ପଢ଼ିବାର ପ୍ରବୃତ୍ତିର ବିକାଶ ହେବା ସହିତ ତାଙ୍କୁ ସଂଦର୍ଭ ସାମଗ୍ରୀ ଯେମିତି- ଆଟ୍‌ଲାସ୍, ଶବ୍ଦକୋଷ, ଏନ୍‌ସାଇକୋଲପେଡ଼ିଆ ବା ବିଷୟ ବିଶେଷରେ ସମ୍ବନ୍ଧିତ ଲେଖା ଆଦି ପ୍ରାପ୍ତ କରିବାର ଲାଭ ମିଳିବ।

ଟିପ୍ପଣୀ

- ସମ୍ବାଦପତ୍ର ଏବଂ ପତ୍ରିକା :- ବର୍ତ୍ତମାନ ସମ୍ବାଦପତ୍ରରୁ ସମ୍ବନ୍ଧିତ ଲେଖା, ବିଭିନ୍ନ ବିଷୟଗୁଡ଼ିକରୁ ସମ୍ବନ୍ଧିତ ଆଲେଖ, ରୁଚିକର ପଠନୀୟ ସାମଗ୍ରୀ ଯେମିତିକି କାହାଣୀ, କବିତା, କମିକ୍ସ, ଗୋଲକଧନ୍ଦା, କୁଇଜ୍ ଇତ୍ୟାଦି ସମ୍ବାଦପତ୍ର ଓ ପତ୍ରିକାଗୁଡ଼ିକରୁ ଛାତ୍ରଛାତ୍ରୀମାନେ ପ୍ରାପ୍ତ କରି ପାରନ୍ତି ଏବଂ ସେଥିରୁ ସେମାନଙ୍କର ଅନେକ ଜ୍ଞାନାର୍ଜନ କ୍ଷମତା ବୃଦ୍ଧି ହେବ ଏବଂ ତାଙ୍କର ରୁଚି ଅନୁସାରେ ଶିଖିବାରେ ସହାୟତା କରିପାରିବ।

- ଇଲେକ୍ଟ୍ରୋନିକ୍ସ ମେଡ଼ିଆ :- ରେଡ଼ିଓ, ଟି.ଭି., ଇଣ୍ଟରନେଟ୍ ତଥା ବିଭିନ୍ନ ପ୍ରକାରର ଶୈକ୍ଷିକ ସିଡ଼ିରେ ଜ୍ଞାନ ଏବଂ ଶିକ୍ଷଣ ଜଗତ ଖୋଲିଯାଇଛି। ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ, ଯେଉଁଠିକି ଦ୍ୱିତୀୟ ଶ୍ରେଣୀଠାରୁ ଏହି ସୁବିଧା ଉପଲବ୍ଧ କରାଇବାର ପ୍ରୟାସ କରା ଯାଉଅଛି। ଆପଣଙ୍କୁ ଏହି ପ୍ରକାରର ଉପକରଣଗୁଡ଼ିକର ବ୍ୟବହାର କରିବା ପାଇଁ ଯୋଜନା କରିବାର ଆବଶ୍ୟକତା ଅଛି।

- ବିଦ୍ୟାଳୟର ଭିତରେ ଏବଂ ବାହାରେ କାର୍ଯ୍ୟକଳାପ:- ବିଦ୍ୟାଳୟର ଭିତରେ ଏବଂ ବାହାରେ ଶିଖିବା ପାଇଁ ଶିକ୍ଷଣ କାର୍ଯ୍ୟଗୁଡ଼ିକର ଅତି ବିସ୍ତୃତ କ୍ଷେତ୍ର ଅଟେ। ତାହାର କିଛି ଉଦାହରଣ ହେଲା-ବିଭିନ୍ନ ଘଟଣାଗୁଡ଼ିକ ଓ ବସ୍ତୁଗୁଡ଼ିକର ଅବଲୋକନ କରିବା, ବିଦ୍ୟାଳୟରେ ବଗିଚାର ଯୋଜନା ବା ନିର୍ମାଣ କରିବା, ସ୍ୱଚ୍ଛ ଶୌଚାଳୟର ବ୍ୟବସ୍ଥା କରିବା ଓ ଶୌଚାଳୟ ବ୍ୟବହାର କରିବାର ଅଭ୍ୟାସର ବିକାଶ କରିବା, ଶ୍ରେଣୀ ଓ ବିଦ୍ୟାଳୟର ସଫାଇ ଓ ସୌନ୍ଦର୍ଯ୍ୟକରଣ କରିବା, ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବା ଆଦି ଏହି ପ୍ରକାରର ତାଲିକା ଅସୀମ/ଅନ୍ତହୀନ ହୋଇପାରେ।

- ସ୍ଥାନୀୟ ଅନୁଷ୍ଠାନକୁ ଭ୍ରମଣ କରିବା-ବିଭିନ୍ନ ସଂସ୍ଥାଗୁଡ଼ିକ ଯଥା- ଡାକଘର, ବ୍ୟାଙ୍କ, ପୋଲିସ୍ ଷ୍ଟେସନ, ବସ୍‌ଷ୍ଟାଣ୍ଡ, ରେଲଷ୍ଟେସନ, ବ୍ୟାବସାୟିକ ସଂସ୍ଥା, କୃଷିଫାର୍ମ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବିଷୟରେ ସମ୍ବନ୍ଧିତ ପ୍ରତ୍ୟକ୍ଷ ଅନୁଭବ ଏବଂ ବ୍ୟାପକ ଜ୍ଞାନ ଉପଲବ୍ଧ କରାଇବାକୁ ସହାୟକ ସିଦ୍ଧ ହୋଇଥାଏ।

- ସ୍ଥାନୀୟ ବଜାର ଏବଂ କାର୍ଯ୍ୟସ୍ଥଳ ଭ୍ରମଣ- ସ୍ଥାନୀୟ ବଜାର ଓ କାର୍ଯ୍ୟସ୍ଥଳ ଯେମିତିକି କୃଷିଫାର୍ମ, କମାରଶାଳ, ବଢ଼େଇଶାଳ, କୁକୁଡ଼ା ପାଳନ, ମାଛ ଚାଷ ଆଦିରେ ଲୋକମାନଙ୍କର କାମ କରୁଥିବା ଦେଖିବା ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଅନୁଭବ ଓ ଜ୍ଞାନ ଉପଲବ୍ଧ କରାଇଥାଏ, ଯେଉଁଠି ଛାତ୍ରଛାତ୍ରୀମାନେ ସାକ୍ଷରତା, ଗାଣିତିକ ଜ୍ଞାନର ଆଧାରଭୁତ କୌଶଳକୁ ସୁଦୃଢ଼ କରିଥାଏ ଓ ସୃଜନାତ୍ମକ ଓ ସମସ୍ୟା ସମାଧାନ ଯୋଗ୍ୟତାଗୁଡ଼ିକର ବୃଦ୍ଧି କରିଥାଏ।

**କାର୍ଯ୍ୟକଳାପ - ୭**

ନିଜ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ମାସିକିଆ ଶିକ୍ଷଣ କାର୍ଯ୍ୟ ଚୟନ ଯୋଜନା ଯେଉଁଥିରେ ପାଠ୍ୟ ପୁସ୍ତକର ବ୍ୟବହାର ହେଉ ନଥିବ। ପ୍ରତ୍ୟେକ କାର୍ଯ୍ୟକଳାପରୁ କି ପ୍ରକାର ଶିକ୍ଷଣ ଅନୁଭୂତି ପ୍ରାପ୍ତ ହେବେ ତାହା ଲେଖନ୍ତୁ। ଯେତେବେଳେ ଶିକ୍ଷଣ କାର୍ଯ୍ୟଗୁଡ଼ିକର ଯୋଜନା କରୁଛନ୍ତି ଆପଣ ପ୍ରତ୍ୟେକ ଶିକ୍ଷଣ କାର୍ଯ୍ୟ ପାଇଁ ସମୟ ଓ ଅବଧି

ନିର୍ଦ୍ଦିଷ୍ଟ କରିବା ସହିତ କହିବା ଦରକାର ଯେ ଏହା ନିୟମିତ (ସାପ୍ତାହିକ, ପାକ୍ଷିକ, ମାସିକ ବା ବାର୍ଷିକ) କାର୍ଯ୍ୟ ଅଟେ। ଏହା ଆବଶ୍ୟକ ଅଛି କି ଏହି ପ୍ରକାରର ଶିକ୍ଷଣ କାର୍ଯ୍ୟର ଯୋଜନା ତିଆରି କରିବା ସମୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମେ ଏହା ବିଷୟରେ କହିବା ଦରକାର। ଏହା ସୁନିଶ୍ଚିତ କରିବା ଦରକାର ଯେ ଶିକ୍ଷଣକାର୍ଯ୍ୟରେ ଭାଗ ନେବା ସମୟରେ ପ୍ରତ୍ୟେକ ଛାତ୍ରଛାତ୍ରୀ ଶିକ୍ଷଣକାର୍ଯ୍ୟର ମୁଖ୍ୟ ବିନ୍ଦୁମାନଙ୍କୁ ଲେଖିବେ। ଶିକ୍ଷଣକାର୍ଯ୍ୟର ଶେଷରେ ପ୍ରାପ୍ତ ଅନୁଭୂତି ଓ ଅର୍ଜିତ ଜ୍ଞାନର ସଂକ୍ଷିପ୍ତ ବିବରଣୀ ଲେଖିବା ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ କହିବେ।

## ୬.୬ ସାରାଂଶ

- ପ୍ରାରମ୍ଭିକ ଶ୍ରେଣୀ ଛାତ୍ରଛାତ୍ରୀ ପିଆଜେଟ୍ ଦ୍ୱାରା ବୁଝା ଯାଇଥିବା ସ୍ଥୁଳ ସଂକାର୍ଯ୍ୟଧର୍ମୀ ଅବସ୍ଥାରେ ପିଲାମାନେ ବାସ୍ତବ ବସ୍ତୁଗୁଡ଼ିକୁ ବ୍ୟବହାର କରି ଶିଖିଥାନ୍ତି। ସେଥିପାଇଁ ଏହି ସ୍ତରରେ ଶିକ୍ଷଣ ପାଇଁ ବାସ୍ତବ ବସ୍ତୁଗୁଡ଼ିକର ବ୍ୟବହାର କରିବା ଆବଶ୍ୟକ।
- ଶିକ୍ଷଣ ସାମଗ୍ରୀର ବର୍ଗୀକରଣ- ଯେମିତିକି ସ୍ଥୁଳ ବସ୍ତୁ ବା ନିର୍ମିତ ସାମଗ୍ରୀ, ଦୃଶ୍ୟ ଶ୍ରାବ୍ୟ, ଦୃଶ୍ୟଶ୍ରାବ୍ୟ, ପ୍ରକ୍ଷେପିତ ଓ  ଅପ୍ରକ୍ଷେପିତ ଏବଂ ପରୀକ୍ଷାତ୍ମକ କରାଯାଇପାରେ।
- ଶିକ୍ଷଣ ସାମଗ୍ରୀ ପ୍ରାସଙ୍ଗିକ, ଉପଯୁକ୍ତ ଏବଂ ବାସ୍ତବ ଜୀବନକ ଆଧାରିତ ହେବା ଦରକାର।
- ଶିକ୍ଷଣ ସାମଗ୍ରୀ ଚୟନ, ସଂଗ୍ରହ, ବ୍ୟବହାର ତଥା ସାଇତି ରଖିଲାବେଳେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବା ଦରକାର। ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ଶିକ୍ଷଣ ସାମଗ୍ରୀ ସଂରକ୍ଷଣ କେନ୍ଦ୍ର ପ୍ରସ୍ତୁତି ଓ ପରିଚାଳନା ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ପାଇଁ ଶ୍ରେଣୀ ମଧ୍ୟରେ ସମ୍ବଳ ଅଭିବୃଦ୍ଧି କରିଥାଏ।
- ପାଠ୍ୟ ପୁସ୍ତକ, ଶିକ୍ଷାଦାନ ଓ ଶିକ୍ଷଣ ଉଭୟ ପାଇଁ ଏକ ଅତ୍ୟାବଶ୍ୟକ ସାମଗ୍ରୀ।
- ପାଠ୍ୟ ପୁସ୍ତକ ବ୍ୟତୀତ ଶିଖିବା ପାଇଁ ଅନେକ ସୁଯୋଗ ଅଛି। ଯାହାକୁ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ସେମାନଙ୍କର ଜ୍ଞାନବର୍ଦ୍ଧନ ଓ ସମୃଦ୍ଧି କରଣ କରିବା ପାଇଁ ବ୍ୟବହାର କରିବା ଉଚିତ୍।

ଟିପ୍ପଣୀ

## ୬.୭ ପ୍ରଗତି ନିରୀକ୍ଷଣ ପାଇଁ ଆଦର୍ଶ ଉତ୍ତର

E -୧ C

E- ୨ ଗଣିତରେ, ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ନିର୍ମାଣ, ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ସ୍ଥାନୀୟମାନ, ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସଂଖ୍ୟା ଲେଖିବା । ଭାଷାରେ ଶବ୍ଦ ଗଢ଼ିବା, ଶବ୍ଦ ଖେଳ ଓ ଯୁକ୍ତାକ୍ଷର ବାଛିବା କାମ ହୁଏ ।

E- ୩ ପ୍ରଥମ ଅବସ୍ଥାରେ ସେ ଛାତ୍ରଛାତ୍ରୀମାନଙ୍କୁ ବୁଝିବା ପାଇଁ କମ୍ ସୁଯୋଗ ଥାଏ । ତାଙ୍କୁ କେବଳ ନକଲ କରିବାକୁ କୁହାଯାଏ ।

E- ୪ (i) ଅଳ୍ପ ଖର୍ଚ୍ଚରେ ଅତ୍ୟନ୍ତ ଜୀବନ୍ତ ନହୋଇ ପାରେ ।

(ii) ସାମଗ୍ରୀଗୁଡ଼ିକର ପ୍ରସ୍ତୁତି ଶୈଳୀ ପ୍ରଦର୍ଶନ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌଶଳ ବିକଶିତ ହେବାରେ ସହାୟକ ହୁଏ ।

(iii) ବହୁସଂବେଦୀ ଅଙ୍ଗଗୁଡ଼ିକର ଉପଯୋଗ କରି ସେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିନ୍ତନାତ୍ମକ ଭାବନା ବିକଶିତ କରନ୍ତି ।

E- ୫ ଅପ୍ରକ୍ଷେପିତ - କଳାପଟା

ପ୍ରକ୍ଷେପିତ - ଫିଲ୍ମ ଷ୍ଟ୍ରିପ

ଶ୍ରାବ୍ୟ - ରେଡ଼ିଓ

ଦୃଶ୍ୟ ଶ୍ରାବ୍ୟ ସହାୟକ - ଟେଲିଭିଜନ

ସଂଗ୍ରହିତ - ପଥର ଓ ମାଛ

E- ୬ (i) ଶିକ୍ଷକମାନଙ୍କ ହାତରେ ପାଠ୍ୟପୁସ୍ତକ ଏକ ଉପଯୋଗୀ ଶିକ୍ଷଣ ସାମଗ୍ରୀ ଅଟେ । (ii) ଶିକ୍ଷକଙ୍କୁ କ୍ରମ ଅନୁସାରେ ବିଷୟବସ୍ତୁକୁ ବ୍ୟବସ୍ଥିତ କରିବାରେ ସହାୟକ ହୁଏ (iii) ଛାତ୍ରଛାତ୍ରୀମାନଙ୍କର ମୂଲ୍ୟାୟନ ପାଇଁ ଦିଗ୍‌ଦର୍ଶକାର କାର୍ଯ୍ୟ କରିଥାଏ । (iv) ଏହାର ପାଠ ଅଭ୍ୟାସ କାର୍ଯ୍ୟ ଓ ଅନୁଶୀଳନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ବହୁମୁଖି ଚିନ୍ତନକୁ ଉତ୍ସାହିତ କରା ଯାଇଥାଏ ।

## ୬.୮ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


- Baporikan Neeta (2011), Teaching Learning Process: Fundamentals, VDM verag, Dr. Mucller e.k Berlin. NCF 2005,
- National Concil of Educational Research and Training (NCERT), New Delhi.
- Woolfolk Anita (2009). Educational Psychology (11th Edition), Pearson/ Allyn and Bacon Publishers, London.

- http://www.ed.gov.nl.ca/edu/k12/curriculum/guides/health/elementary/Process.PDF
- http://itesly.org/Articles/kitao.Materials
- http://www.eiabd.com/materials/index.php ? option=com-coutent & view = articles & id- 2 & Itemid=3 & lang-ew

## ୬.୯ ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷାଦାନ ଏବଂ ଶିକ୍ଷଣ ସାମଗ୍ରୀ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ।

୨. ଉଦାହରଣ ସହ ଟିଏଲଏମର ବର୍ଗୀକରଣର ବିଭିନ୍ନ ପ୍ରକାର ପନ୍ଥା ବର୍ଣ୍ଣନା କର।

୩. ଶିକ୍ଷାର କାର୍ଯ୍ୟରେ ବ୍ୟବହାର କରାଯାଉଥିବା ସାମଗ୍ରୀଗୁଡ଼ିକର ବିଶେଷତ୍ୱର ଉଦାହରଣ ଦିଅ।

୪. ନିଜ ଶ୍ରେଣୀରେ ଟିଏଲଏମ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କିପରି କରିବେ ?

୫. କ'ଣ ପାଠ୍ୟ ପୁସ୍ତକ ହିଁ ଏକମାତ୍ର ଶିକ୍ଷଣ ସାମଗ୍ରୀ ? ଉଦାହରଣ ସହିତ ବୁଝାନ୍ତୁ ଯେ ପାଠ୍ୟ ପୁସ୍ତକ ବାହାରେ ଆପଣ କେଉଁ ପ୍ରକାର ଶିକ୍ଷଣ ଅନୁଭୂତି ଉପଲବ୍ଧ କରାଇପାରିବେ ?